# ଆକାଂକ୍ଷୀ ବ୍ଲକ୍ କାର୍ଯ୍ୟକ୍ରମର ସମୀକ୍ଷା କଲେ କେନ୍ଦ୍ରୀୟ ଅଧିକାରୀ

କେନ୍ଦୁଝର/ତେଲକୋଇ, ୨୭।୨(ସମିସ): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍‌ଠାରେ କେନ୍ଦ୍ର ସରକାରଙ୍କ 'ଆକାଂକ୍ଷୀ ବ୍ଲକ୍ କାର୍ଯ୍ୟକ୍ରମ'ର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନାର ଉପସଚିବ ତଥା କେନ୍ଦ୍ରୀୟ ପ୍ରଭାରୀ ଅଧିକାରୀ ଡକ୍ଟର ଗାଭାଲି ପରାଗ ହର୍ଷଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ସାତଟି ଆକାଂକ୍ଷୀ ବ୍ଲକର ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଛି। ପ୍ରଥମ ପର୍ଯ୍ୟାୟରେ କେନ୍ଦୁଝରର ବାଂଶପାଳ ଓ ହରିଚନ୍ଦନପୁର ବ୍ଲକକୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଥିଲା। ପରବର୍ତ୍ତୀ ସମୟରେ ନିତି ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ଆଉ ୫ଟି ବ୍ଲକ୍ ଚମ୍ପୁଆ, ଝୁମ୍ପୁରା, କେନ୍ଦୁଝର ସଦର, ପାଟଣା ଓ ତେଲକୋଇକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ୨୦୨୪ରେ କାର୍ଯ୍ୟକାରୀ ହୋଇଥିବା 'ସମ୍ପୂର୍ଣ୍ଣତା ଅଭିଯାନ ୧.୦' ଅନ୍ତର୍ଗତ ୬ଟି ପ୍ରମୁଖ ସୂଚକାଙ୍କ ମଧ୍ୟରୁ ହରିଚନ୍ଦନପୁର ବ୍ଲକ୍ ୩ଟିରେ ଏବଂ ବାଂଶପାଳ ବ୍ଲକ୍ ୨ଟିରେ ଶତ ପ୍ରତିଶତ ଲକ୍ଷ୍ୟ ହାସଲ କରିଛି। ଏହି ଉଲ୍ଲେଖନୀୟ ସଫଳତା ପାଇଁ ହରିଚନ୍ଦନପୁର ବିଡିଓ ଓ ଜିଲ୍ଲାପାଳଙ୍କୁ ରାଜ୍ୟ ସ୍ତରରେ ସମ୍ମାନିତ କରାଯାଇଛି।




'ସମ୍ପୂର୍ଣ୍ଣତା ଅଭିଯାନ ୨.୦':୨୦୨୬ ଜାନୁଆରୀ ୩୧ ତାରିଖରୁ ସମସ୍ତ ୭ଟି ବ୍ଲକରେ ଶୁଭାରମ୍ଭ କରାଯାଇଛି। ଏହି ଅଭିଯାନ ୨୦୨୬ ଏପ୍ରିଲ ୧୪ ପର୍ଯ୍ୟନ୍ତ ଚାଲିବ, ଯେଉଁଥିରେ ଶିଶୁଙ୍କ ପୁଷ୍ଟିକର ଖାଦ୍ୟ, ଅଙ୍ଗନବାଡ଼ି କେନ୍ଦ୍ରରେ ପାନୀୟଜଳ ଓ ଶୌଚାଳୟ ସୁବିଧା ଏବଂ ଗୋପାଳନ କ୍ଷେତ୍ରରେ ଟୀକାକରଣ ଭଳି ୬ଟି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଧ୍ୟାନ ଦିଆଯାଉଛି। ବାଂଶପାଳ ଓ ହରିଚନ୍ଦନପୁର ବ୍ଲକର ୧୫ଟି ସ୍ୱୟଂ ସହାୟିକା ଗୋଷ୍ଠୀ ନିଜର ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରୟ ପାଇଁ 'ଆକାଂକ୍ଷା ହାଟ' ମାଧ୍ୟମରେ ଏକ ପ୍ଲାଟଫର୍ମ ପାଇଛନ୍ତି। ମହୁଲ ସଂରକ୍ଷଣ ଓ ପ୍ରକ୍ରିୟାକରଣ ୟୁନିଟ୍ ଏବଂ 'ଲକ୍ଷପତି ଦିଦି ଇନକ୍ୟୁବେସନ ସେଣ୍ଟର' ଭଳି ପ୍ରାୟ ୪.୫୫ କୋଟି ଟଙ୍କାର ପ୍ରକଳ୍ପ ପ୍ରସ୍ତାବ ନିତି ଆୟୋଗଙ୍କ ଅନୁମୋଦନ ଅପେକ୍ଷାରେ ରହିଛି। ବୈଠକରେ ବାଂଶପାଳ ଓ ହରିଚନ୍ଦନପୁର ବ୍ଲକକୁ ନିତି ଆୟୋଗଙ୍କ ପକ୍ଷରୁ ପୁରସ୍କାର ରାଶି ପ୍ରଦାନ କରାଯାଇଥିବା ସୂଚନା ମିଳିଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଶାଲ ସିଂହ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଆଇଏଏସ ପ୍ରୋବେସନର ପବନ କୁମାର, ଉପନିର୍ଦ୍ଦେଶକ ଗଜେନ୍ଦ୍ର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ।

ସେହିପରି ତେଲକୋଇ ବ୍ଲକକୁ ଦିଲ୍ଲୀ ନିତି ଆୟୋଗର କର୍ମକର୍ତ୍ତା ସୁଶ୍ରୀ ଏପିକା ଶର୍ମା ସମ୍ପୂର୍ଣ୍ଣତା ଅଭିଯାନ ୨.୦ର ସମୀକ୍ଷା ପାଇଁ ଗସ୍ତ କରିଥିଲେ। ବ୍ଲକ ସଭାଗୃହଠାରେ ଗୁରୁବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଡିଓ ପୂର୍ଣ୍ଣଚନ୍ଦ୍ର ନାଏକ ଅଧ୍ୟକ୍ଷତା କରିଥିଲେ। ଏବିଡିଓ ବିଶ୍ୱନାଥ ମଲ୍ଲିକ, ସହକାରୀ ଯନ୍ତ୍ରୀ ପୁରୁଷୋତ୍ତମ ନାୟକ, ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ପି ସତ୍ୟମ, ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ସୀମା ଦାସ ସମେତ ସମସ୍ତ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ବିଭିନ୍ନ ଅଧିକାରୀ ନିଜ ବିଭାଗର ସମସ୍ୟାମାନ ଜଣାଇଥିଲେ। ନିତି ଆୟୋଗ ଅଧିକାରୀ ଏହାର ବିହିତ ପଦକ୍ଷେପ ନେବା ପାଇଁ ସରକାରଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ସଲେଇକେନା ଗ୍ରାମର ଅଙ୍ଗନବାଡ଼ି ୩, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ପରିଦର୍ଶନ କରିଥିଲେ। ଶିଶୁ, ମହିଳା ଓ ସ୍ଥାନୀୟ ଲୋକଙ୍କ ସହିତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏଥିସହ ଓରିଆ ପଞ୍ଚାୟତର କତରାପାଲିସ୍ଥିତ ବାଲିସାହି ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି ସମସ୍ୟା ଉପରେ ଆଲୋଚନା କରିଥିଲେ।

# ଖପରାଖାଇ ସ୍ମୃତିସଭାରେ ଯୋଗଦେଲେ ବିଧାୟକ



ଆନନ୍ଦପୁର, ୨୭।୨ (ସମିସ): ଆନନ୍ଦପୁର ପୌରାଞ୍ଚଳର ଜନାର୍ଦ୍ଦନପୁର ଶାସନରେ ସ୍ୱର୍ଗତ ଦିଗାମ୍ବର ମହାପାତ୍ରଙ୍କ ଧର୍ମପତ୍ନୀ ପାର୍ବତୀ ମହାପାତ୍ରଙ୍କ ଦ୍ୱାଦଶ କ୍ରିୟା ଉପଲକ୍ଷେ ବନ୍ଧୁ ପରିବାର ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ବିଜେପି ନେତା ଡଃ ଶମ୍ଭୁନାଥ ରାଉତ, ପୂର୍ବତନ ନଗରପାଳ ରାମଚନ୍ଦ୍ର ସାହୁ, ବିଜେପି ନେତା ଭଗବାନ ସାହୁ ପଣ୍ଡିତ ଜିତୁ ଦାଶ ପୂର୍ବତନ ସୈନିକ ସଂଘ ସଭାପତି ତ୍ରିଲୋଚନ ଦାଶଙ୍କ ସମେତ ବହୁ ପ୍ରମୁଖ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କଣ୍ଠଶିଳ୍ପୀ ଶେଷନାଗ ମିଶ୍ର ଓ ତାଙ୍କ ସହଯୋଗୀ ଭଜନ ପରିବେଷଣ କରିଥିଲେ।

## ଗାଡ଼ି ଧକ୍କାରେ ଜଣେ ଆହତ

ବଡ଼ବିଲ, ୨୭।୨(ସମିସ): ବଡ଼ବିଲ ଥାନା ବାଟା ଛକଠାରୁ ସିନେମା ହଲ ଛକ ପର୍ଯ୍ୟନ୍ତ ସକାଳ ଆଠରୁ ସନ୍ଧ୍ୟା ଆଠ ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ସୁଗମ ଯାତାୟାତ ପାଇଁ ନୋ-ଏଣ୍ଟ୍ରି ରହିଥିଲା ବେଳେ ଗୁରୁବାର ସନ୍ଧ୍ୟା ପ୍ରାୟ ଆଠଟାରେ ଜଣେ ଅମାନିଆ ଚାଳକ ସୁରକ୍ଷାକର୍ମୀଙ୍କ ଉପରେ ଉଦ୍ଦେଶ୍ୟମୂଳକ ଭାବେ ଗାଡ଼ି ଚଢେଇ ପଳେଇ ଯାଉଥିବା ଦେଖାଯାଇଥିଲା। ଲୋକମାନେ ତୁରନ୍ତ ପ୍ରତିବାଦ କରି ଚାଳକଙ୍କୁ ଧରି ପୁଲିସକୁ ହସ୍ତାନ୍ତର କରିଥିଲେ। ଆହତ ସୁରକ୍ଷାକର୍ମୀ ହେଉଛନ୍ତି ଦୀପକ କୁମାର ଲାଲ। ତାଙ୍କ ଚିକିତ୍ସା ପରେ ସେ ସୁସ୍ଥ ଥିବା ଜଣାପଡ଼ିଛି। ଚାଳକ ଭିକିପ୍ରସାଦ ଗୁପ୍ତାଙ୍କୁ ପୁଲିସ ହେପାଜତକୁ ନେଇ ଗାଡ଼ିଟିକୁ ଜବତ କରିଛି।

# ଅଙ୍ଗନବାଡ଼ି ନିର୍ମାଣ କାର୍ଯ୍ୟର ଅନୁଧ୍ୟାନ କଲେ ଅଧିକାରୀ

ହାଟଡିହୀ,୨୭।୨(ସମିସ): ହାଟଡିହୀ ବ୍ଲକ୍ ସିଙ୍ଗଡୋଭ ଗାଁରେ ଅଙ୍ଗନବାଡ଼ି ଗୃହ ନିର୍ମାଣକୁ ନେଇ ବିବାଦ ସୃଷ୍ଟି ହୋଇଥିଲା ବେଳେ ପ୍ରଶାସନିକ ଅଧିକାରୀମାନେ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଦୁଇଟି ୱାର୍ଡ଼ର ଲୋକଙ୍କ ସହ ଆଲୋଚନା କରି ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ ୧୨ନଂ ୱାର୍ଡରେ ଅଙ୍ଗନବାଡ଼ି ଗୃହ ନିର୍ମାଣ ହେବ ବୋଲି ନିଷ୍ପତ୍ତି ନେଇଛନ୍ତି। ସୂଚନାଯୋଗ୍ୟ, ୪୫ ବର୍ଷ ଧରି ସିଙ୍ଗଡୋଭ ସ୍କୁଲରେ ଅଙ୍ଗନବାଡ଼ି କେନ୍ଦ୍ର ଚାଲୁଥିଲା। ସରକାରୀ ଅନୁଦାନ ଆସିବା ପରେ ଗୃହ ନିର୍ମାଣକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ଏହାପରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସବିତା ଦାଶ, ବିଡ଼ିଓ ରଞ୍ଜନ କୁମାର ପରିଡ଼ା, ସିଡ଼ିପିଓ ଉମାମଣି ମହାପାତ୍ର, ସୁପରଭାଇଜର ପ୍ରଭାସିନୀ ଜେନା ପ୍ରମୁଖ ଗାଁରେ ପହଞ୍ଚି ଜାଗା ଚିହ୍ନଟ ପରେ ଉପୁଜିଥିବା ବିବାଦକୁ ନେଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ୱାର୍ଡ଼ ନଂ ୧୨ରେ ଅଧିକ ସଂଖ୍ୟକ ପିଲା ଅଙ୍ଗନବାଡ଼ି ଆସୁଥିବା ବେଳେ ସ୍କୁଲ ପରିସରରେ ଅଙ୍ଗନବାଡ଼ି ଗୃହ ନିର୍ମାଣପାଇଁ ନିଷ୍ପତ୍ତି ନେଇଯାଇଛି।



# ରାଜ୍ୟସ୍ତରୀୟ ଏକଲ ଶ୍ରୀହରି ସତ୍‌ସଙ୍ଗ ପ୍ରସ୍ତୁତି

କେନ୍ଦୁଝର, ୨୭।୨(ସମିସ): ଏକଲ ଶ୍ରୀହରି ସତସଙ୍ଗ ସମିତି, ଓଡ଼ିଶା ସମ୍ଭାଗର ଅଧ୍ୟକ୍ଷ ଡ ବସନ୍ତ କୁମାର ଦାନୀଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ଏକଲ ଶ୍ରୀହରି ସତସଙ୍ଗ ପ୍ରତିଯୋଗିତା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏକଲ ଅଭିଯାନ ସଂସ୍କାର ଶିକ୍ଷା ଆନୁକୂଲ୍ୟରେ ଶନିବାର ସକାଳ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ଏକଲ ସତସଙ୍ଗ ପ୍ରତିଯୋଗିତା କେନ୍ଦୁଝର ଇଞ୍ଜିନିୟରିଂ କଲେଜ ଡିମ୍ବୋର ଅମୃତ ଜ୍ଞାନପୀଠରେ ଅନୁଷ୍ଠିତ ହେବ। ଓଡ଼ିଶା ସମ୍ଭାଗର ବିଭିନ୍ନ ଜିଲ୍ଲାରୁ ପ୍ରତିଯୋଗୀ ଦଳମାନେ ଭଜନ, କୀର୍ତ୍ତନ ଏବଂ ସତସଙ୍ଗ ମାଧ୍ୟମରେ ଦକ୍ଷତା ପ୍ରଦର୍ଶନ କରିବେ। ବିଜେତା ଦଳ ମାର୍ଚ୍ଚ ୨ରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଜାତୀୟସ୍ତରୀୟ ଏକଲ ଶ୍ରୀହରି ସତସଙ୍ଗ ପ୍ରତିଯୋଗିତାରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହେବେ। ଓଡିଶା ସମ୍ଭାଗ ସଦସ୍ୟ ଉମାକାନ୍ତ ଦାସ,ଓଡିଶା ସମ୍ଭାଗ ଅଭିଯାନ ପ୍ରମୁଖ ସୁକେଶ ବେହେରା, ସମ୍ଭାଗ ବ୍ୟାସ ଗଣେଶ ନାୟକ, କେନ୍ଦୁଝର ଏକଲ ବିଦ୍ୟାଳୟ ଅଧ୍ୟକ୍ଷ ଅଜୟ ଦାସ, ଏକଲ ବିଦ୍ୟାଳୟ ଉପାଧ୍ୟକ୍ଷ ମାୟାରାଣୀ ପୃଷ୍ଟି, ଏକଲ ବିଦ୍ୟାଳୟ ସଂପାଦକ ସୁକାନ୍ତ ମହାନ୍ତ, ଅଞ୍ଚଳ ଅଭିଯାନ ପ୍ରମୁଖ ପଦ୍ମିନୀ ମହାନ୍ତ ଓ ବ୍ୟାସ ତ୍ରିଲୋଚନ ପାତ୍ର ଉପସ୍ଥିତ ଥିଲେ।

## ଏପ୍ରିଲ ୭ରୁ ୧୨ ଆନନ୍ଦପୁର ମହୋତ୍ସବ



ଆନନ୍ଦପୁର, ୨୭।୨(ସମିସ): ଦୁଇବର୍ଷ ହେବ ବନ୍ଦ ରହିଥିବା ଆନନ୍ଦପୁର ମହୋତ୍ସବ ଆସନ୍ତା ଏପ୍ରିଲ ୭ରୁ ୧୨ ତାରିଖ ପର୍ଯ୍ୟନ୍ତ ହେବାକୁ ବିଧିବଦ୍ଧ ନିଷ୍ପତ୍ତି ହୋଇଛି। ମହୋତ୍ସବ କମିଟି ଦ୍ୱିତୀୟ ବୈଠକରେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କ ସଂଯୋଜନାରେ ବରିଷ୍ଠ ନାଗରିକ ପୂର୍ବତନ ସୈନିକ କ୍ରୀଡ଼ାସଂସଦ କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି, ଆଇନଜୀବୀ, ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଏବଂ ସରକାରୀ ପଦାଧିକାରୀ ଯୋଗ ଦେଇଥିଲେ। ତହସିଲଦାର ଦେବେନ୍ଦ୍ର ସ୍ୱାଇଁ, ଡେପୁଟି କଲେକ୍ଟର ତପନ ପ୍ରଧାନ, ବିଜେପି ନେତା ରାମଚନ୍ଦ୍ର ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଶିକ୍ଷକ ରମେଶ ପଣ୍ଡାଙ୍କ ପରଲୋକ



ଆନନ୍ଦପୁର, ୨୭।୨ (ସମିସ): ଘଷିପୁରା ବ୍ଲକ ବଳରାମପୁର ପଞ୍ଚାୟତ ଝାଡ଼କୁଣ୍ଡି ଗ୍ରାମର ଛାତ୍ର ବତ୍ସଳ ଶିକ୍ଷକ ରମେଶଚନ୍ଦ୍ର ପଣ୍ଡା (୭୭)ଙ୍କ ଆଜି ସକାଳ ସମୟରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ସେ ଗୀତାମୃତ ପରିବାରର ଜଣେ ସକ୍ରିୟ ସାଧକ, ଧର୍ମପରାୟଣ, ମିଷ୍ଟଭାଷୀ, ସରଳ, ଭାଗବତପ୍ରେମୀ ବ୍ୟକ୍ତି ଥିଲେ। ଝାଡ଼େଶ୍ୱର ଉଚ୍ଚବିଦ୍ୟାଳୟରେ ସେ ଶିକ୍ଷକତା କରିଥିଲେ। ତାଙ୍କର ୨ ପୁଅ, ବୋହୂ, ୩ ଝିଅ, ଜ୍ୱାଇଁ, ନାତିନାତୁଣୀ, ଆତ୍ମୀୟ ସ୍ୱଜନ ଶେଷ ଦର୍ଶନ କରିଥିଲେ। ଭୁବନେଶ୍ୱରରେ ରହୁଥିବା ବଡ଼ପୁଅ ବିଜୟ ପୁରୀ ସ୍ୱର୍ଗଦ୍ୱାରରେ ମୁଖାଗ୍ନି ଦେଇଥିଲେ। ତାଙ୍କ କକା ବରିଷ୍ଠ ଆଇନଜୀବୀ ଅଚ୍ୟୁତ ପଣ୍ଡା (୯୯), ବଡ଼ ଜ୍ୱାଇଁ ପୂଜକ ବୃନ୍ଦାବନ ଷଡ଼ଙ୍ଗୀ ଏବଂ ଅନ୍ୟାନ୍ୟ ପରିବାର ବର୍ଗ ଉପସ୍ଥିତ ଥିଲେ। ଖବର ପ୍ରଚାର ପରେ ସାରା ଆନନ୍ଦପୁରରେ ଶୋକର ଛାୟା ଖେଳିଯାଇଛି।

## ଟିଲୋଗଡ଼ିଆ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ହାଟଡିହୀ,୨୭।୨(ସମିସ): ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ଟିଲଗଡ଼ିଆ ପ୍ରାଥମିକ ବିଦ୍ୟାଳୟର ତୃତୀୟ ବାର୍ଷିକ କ୍ରୀଡ଼ା ଉତ୍ସବ ବାଲିବରେଇ କ୍ଲଷ୍ଟର ସଂଯୋଜକ ବିଶ୍ୱଜିତ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ନାୟକ, ମୁଖ୍ୟବକ୍ତା ଭାବେ ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷକ ମୋହନ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ବିଜୟ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ସସ୍ମିତା ପାତ୍ର ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ଶିକ୍ଷକ ପ୍ରମୋଦ ନାଏକ, ଶିକ୍ଷୟିତ୍ରୀ ଚଞ୍ଚଳା ଧାଉଁଡିଆଁ, ବିଦ୍ୟାଳୟ କମିଟିର ସଭାପତି ରାମଚନ୍ଦ୍ର ହୋ ପରିଚାଳନା କରିଥିଲେ। କ୍ଲଷ୍ଟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

## ବାଲ୍ୟବିବାହ ଓ ଦାଦନ ଶ୍ରମିକ ସମସ୍ୟା ସମ୍ପର୍କିତ ଆଇନ ସଚେତନତା

କେନ୍ଦୁଝର, ୨୭।୨(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ଆୟୋଜନରେ ପାଟଣା ବ୍ଲକ ବୁଢୀକାପୁଡି ପଞ୍ଚାୟତର ତେନ୍ତୁଳିଖୁଣ୍ଟି ପୁଟୁଗାଁ ହାଟପଡ଼ିଆଠାରେ ବାଲ୍ୟବିବାହ ମୁକ୍ତ ଭାରତ ଓ ଦାଦନ ଶ୍ରମିକ ସମସ୍ୟା ସମ୍ପର୍କିତ ଆଇନ ସଚେତନତା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଗୋପାଳଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ଉବାଲ୍ୟ ବିବାହ ରୋକିବାରେ ପ୍ରାଧିକରଣର ଭୂମିକା ଓ ୧୦୦ ଦିନିଆ ବାଲ୍ୟ ବିବାହ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରାଇଥିଲେ। ପ୍ରାରମ୍ଭରେ ପ୍ରାଧିକରଣ ସଦସ୍ୟ ତଥା ତଦାଶା ସଂପାଦକ ଅକ୍ଷୟ କୁମାର ଚକ୍ର ସଭା ପରିଚାଳନା କରିଥିଲେ। ପାଟଣା ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ କଳ୍ପନା ଦୋରା, ନାଏବ ସରପଞ୍ଚ ଯୋଗେଶ୍ୱର ମହାନ୍ତ, ପୂର୍ବତନ ସରପଞ୍ଚ ଯଦୁମଣି ନାଏକ, ସୁପରଭାଇଜର କୌଶଲ୍ୟା ମହାନ୍ତ, ପାରା ଆଇନ ସ୍ୱେଚ୍ଛାସେବୀ ଭରତଚନ୍ଦ୍ର ମହାନ୍ତ, ମମତା ମଞ୍ଜରୀ ମହାନ୍ତ, ସ୍ନେହଲତା ମହାନ୍ତ, ଲତିକା ମହାନ୍ତଙ୍କ ସହ ସ୍ଥାନୀୟ ବରିଷ୍ଠ ନାଗରିକ, ସ୍ୱୟଂ ସହାୟକ ଗୋଷ୍ଠୀ କର୍ମକର୍ତ୍ତା, ଅଙ୍ଗନବାଡ଼ି କର୍ମୀ ଓ ବିଦ୍ୟାଳୟର ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସ୍ଥାନୀୟ ଶିଶୁଙ୍କ ବିଭିନ୍ନ ସମସ୍ୟା ଉପରେ କେତେକ ବ୍ୟକ୍ତିବିଶେଷଙ୍କ ସହ ସଚିବ ଆଲୋଚନା କରି ତା'ର ସମାଧାନ ପାଇଁ ପ୍ରାଧିକରଣ ମାଧ୍ୟମରେ ସମସ୍ତ ପ୍ରଚେଷ୍ଟା କରିବାକୁ ପ୍ରତିଶ୍ରୁତି ଦେଇଥିଲେ।



## ଡାକପାଳଙ୍କୁ ବିଦାୟ ସମ୍ବର୍ଦ୍ଧନା



ହାଟଡିହୀ,୨୭।୨(ସମିସ): ହାଟଡ଼ିହୀ ଉପଡାକଘର ଅଧୀନସ୍ଥ ବଡରମ୍ପାସ ଡାକଘରର ଶାଖା ଡ଼ାକପାଳ ସତ୍ୟାନନ୍ଦ ଜେନା ନିଜର କର୍ମମୟ ଜୀବନରୁ ଅବସର ଗ୍ରହଣ କରିଛନ୍ତି। ତାଙ୍କର ନିରୋଗ ଜୀବନ କାମନା କରି ହାଟଡିହୀ ଉପ ଡାକଘରର ସମସ୍ତ ସାଥୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏଇ ବିଦାୟ ସମ୍ବର୍ଦ୍ଧନା ସମୟରେ ଅକ୍ଷୟକୁମାର ସା, ସନ୍ତୋଷ ମଲ୍ଲିକ, ଅର୍ଜୁନ ଓଝା, ଦାମୋଦର ଜେନା, ଅଜୟ ଯେନା, ଲକ୍ଷ୍ମୀ ହାଁସଦା, ବୁଧିରାମ୍ ସୟ, ସ୍ୱାଧିନ ରାଉତ, ଦେବାଶିଷ ରାଉତ, ଯଶୋବନ୍ତ ଟୁଡୁ, ଲାଲ ମୃତ୍ୟୁଞ୍ଜୟ ପଣ୍ଡା, ଜ୍ୟୋତି ବଳ ପ୍ରମୁଖ ଶ୍ରୀଜଗନ୍ନାଥ ଓ ମାଆ ତାରିଣୀଙ୍କ ଚୈଳ ଫଟୋଚିତ୍ର, ପୁଷ୍ପଗୁଚ୍ଛ ସହ ଉପଢ଼ୌକନ ଦେଇ ସମ୍ବର୍ଦ୍ଧନା ଜଣାଇଛନ୍ତି।

## ଅବସର ପୂର୍ବରୁ ପେନ୍‌ସନ୍

ଆନନ୍ଦପୁର, ୨୭।୨ (ସମିସ): ଫେବୃଆରୀ ୨୮ ତାରିଖରେ ଅବସର ନେବାର ପୂର୍ବ ଦିନ ଘସିପୁରା ବ୍ଲକ ଭଗାନଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ କୁଶଭଦ୍ର ସାହୁଙ୍କୁ ଚୂଡ଼ାନ୍ତ ପେନସନପତ୍ର ପ୍ରଦାନ କରାଯାଇଛି। ଘସିପୁରା ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ଶିକ୍ଷାଧିକାରୀ ସ୍ୱଦେସମାନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସେକ୍ସନ ଅଫିସର ମନୋଜ ନାୟକ ଏହି ସରକାରୀ ପ୍ରାପ୍ୟର ଚେକ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷାଧିକାରୀ ହାଡିବନ୍ଧୁ ସାହୁ, ସିନିଅର ଆସିଷ୍ଟାଣ୍ଟ ବିଜୟ ସେଠ. ଜୁନିଅର ଆସିଷ୍ଟାଣ୍ଟ ପ୍ରଯୋକ୍ତା ରାଜ ସହଯୋଗ କରିଥିଲେ। ଶିକ୍ଷକଶିକ୍ଷୟତ୍ରୀମାନେ ପେନସନ ପାଇଁ ହଇରାଣ ହରକତ ହୋଇ ମାସ ମାସ ଅପେକ୍ଷା କରି ହତାଶ ହେଉଥିଲେ ଗଣଶିକ୍ଷା ବିଭାଗର ଏପରି ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।




## ଲୁଣହାରରେ କୃଷକ ସଚେତନତା

ଆନନ୍ଦପୁର, ୨୭।୨ (ସମିସ): ଘସିପୁରା ବ୍ଲକ ତରୁଆଁ ପଞ୍ଚାୟତ ଲୁଣହାର ଗ୍ରାମରେ ଆନନ୍ଦପୁର ଉଦ୍ୟାନ ବିଭାଗ ପକ୍ଷରୁ ଅଣଆବାସିକ କୃଷକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍ୟାନ ବିଭାଗ ପର୍ଯ୍ୟବେକ୍ଷକ ଶକ୍ତିପ୍ରସାଦ ମିଶ୍ର, ଅଧିଦର୍ଶକ ବିଭୁପ୍ରସାଦ ସାହୁ, ଉଦ୍ୟୋଗୀ ଚାଷୀ ଅଘୋର କୁମାର ଜେନା, ଦୀପକ କୁମାର ଚକ୍ର, ଅଜୟ କୁମାର ନାୟକ ଏବଂ ତାଳତେଲ ଚାଷୀ ବାସୁନ କୁମାର ରଣା ଯୋଗ ଦେଇଥିଲେ। ଚାଷ ଜମିରେ ପୋଖରୀ ଖନନ କରି ମାଛ ଚାଷ, ନଡିଆ ଗଛ ସହ କୁକୁଡା, ଗୋପାଳନ, ଛେଳି, ଛତୁଚାଷ ଏବଂ ଉନ୍ନତ କିସମ ପ୍ରଣାଳିରେ କିପରି ବିଭିନ୍ନ ପନିପରିବା ଚାଷ ଦ୍ୱାରା ଲାଭବାନ ହୋଇପାରିବା ସେନେଇ ସରକାରଙ୍କ ଯୋଜନା ଏବଂ ରିଆତି ସମ୍ପର୍କରେ ଉପସ୍ଥିତ ଚାଷୀଙ୍କୁ ସଚେତନ କରାଯାଇଥିଲା। ଶିବିରରେ ୧୫୦ରୁ ଅଧିକ ମହିଳା, ପୁରୁଷ ଚାଷୀ ଯୋଗ ଦେଇଥିଲେ

# ନୃସିଂହ ନାରାୟଣ ମନ୍ଦିର ପ୍ରତିଷ୍ଠା ଉତ୍ସବ



କେନ୍ଦୁଝର, ୨୭।୨(ସମିସ): ହରିଚନ୍ଦନପୁର ବ୍ଲକ ଜାମୁଯୋଡି ଗ୍ରାମର ନୃସିଂହ ନାରାୟଣ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଉଦଯାପିତ ହୋଇଛି। ଫେବୃୟାରୀ ୨୨ରୁ ୨୬ ତାରିଖ ୫ ଦିନ ଧରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂଜକ ଧବଳ ପତି, ସଦାଶିବ ପତି, ବିଶ୍ୱନାଥ ମିଶ୍ର, ଘନଶ୍ୟାମ ତ୍ରିପାଠୀ, ଧନଞ୍ଜୟ ପତି, ହିମାଂଶୁ ମିଶ୍ର, ସୁଦର୍ଶନ ପତି, ସୁମନ୍ତ ତ୍ରିପାଠୀ, ନିକୁଞ୍ଜ ମିଶ୍ର ଓ ଅଭିଜିତ ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ମନ୍ମଥ ସାହୁ, ସ୍ୱାଗତିକା ସାହୁ, ମଳୟ ସାହୁ, ସୁମିତ୍ରା ସାହୁ, ପ୍ରସନ୍ନ ସାହୁ, ଜ୍ୟୋତ୍ସ୍ନାରାଣୀ ସାହୁ, କ୍ଷେତ୍ରବାସୀ ସାହୁ, କାମିନୀ ସାହୁ, ଶେଷଦେବ ସାହୁ, ରୁନୁ ସାହୁ, ଭାବଗ୍ରାହୀ ସାହୁ, ଜୟନ୍ତୀ ସାହୁ, ରାୟଗୁରୁ ସାହୁ, ଅବଳା ସାହୁ, ଶ୍ରୀନିବାସ ସାହୁ, ରକ୍ମିଣୀ ସାହୁ, ଅରୁଣ ସାହୁ ଓ ଝୁନୁରାଣୀ ସାହୁ ସଂକଳ୍ପରେ ବସିଥିଲେ। ଭଜନ ସନ୍ଧ୍ୟା ସାଙ୍ଗକୁ ମନୋଜ ପ୍ରଧାନ ପ୍ରବଚନ ଦେଇଥିଲେ। ଏଥିରେ ପ୍ରତ୍ୟେକ ଦିନ ପ୍ରସାଦ ବଣ୍ଟନ କରାଯାଇଥିଲା। ସହଦେବ ସାହୁ,ପ୍ରତାପ ମହାପାତ୍ର, ଦିଲ୍ଲୀପ ସାହୁ, ବୃନ୍ଦାବନ ସାହୁ, କେଶବ ସାହୁ, ବଳରାମ ସାହୁ, ଦେବାଶିଷ ବେଜ, ଜଗନ ସାହୁ, ସୁଧାଂଶୁ ସାହୁ, ଲିପୁ ସାହୁ, ସିଦ୍ଧାର୍ଥ ସାହୁ, ସୁମନ ଜେନା, ମନୋଜ ସାହୁ ସହଯୋଗ କରିଥିଲେ। ସରୋଜ କୁମାର ପ୍ରଧାନ, ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ ସାମିଲ ହୋଇଥିଲେ।

# ସଂରକ୍ଷିତ ଜଙ୍ଗଲରେ ଲାଗିଲା ନିଆଁ

ଚମ୍ପୁଆ/ତେଲକୋଇ, ୨୭।୨(ସମିସ):

ନିଆଁର ଆଁ ଭିତରେ ତେଲକୋଇ ସମେତ କେନ୍ଦୁଝର ଜିଲ୍ଲାର ବିଭିନ୍ନ ବନାଞ୍ଚଳ। ଗ୍ରୀଷ୍ମ ପ୍ରବାହ ଆରମ୍ଭ ନହେଉଣୁ ଜଙ୍ଗଲରେ ନିଆଁର ପ୍ରକୋପ ଦେଖାଦେଇଛି। ଶୁକ୍ରବାର ଅପରାହ୍ଣ ୩ଟା ବେଳେ ତେଲକୋଇ ଫରେଷ୍ଟ ବିଟ୍ କଳାପାଟ ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା ଏକର ଏକର ମୂଲ୍ୟବାନ ଗଛ ଜଳିପୋଡ଼ି ଯାଇଛି। ବେଣା ଗାଁ ନିକଟ ଗୋଠହୁଳି ସହିତ କୁଲାଡେରା ଗାଁ ନିକଟ କୁସୁମନାଳି ପାହାଡ଼ ଏବେ ନିଆଁର ଆଁ ଭିତରେ ରହିଛି। ନିଆଁ ଲାଗି ଶାଗୁଆନ, କୁରୁମ, ଶାଳ, ପିଆଶାଳ, କେନ୍ଦୁ ଗଛ ସହିତ ଔଷଧୀୟ ଗୁଳ୍ମ ନଷ୍ଟ ହୋଇଯାଉଛି। ହରିଣ ମଧ୍ୟ ଜନବସତି ମୁହାଁ ହୋଇ କୁକୁରଙ୍କ ହାବୁଡ଼ରେ ପଡୁଛନ୍ତି। ବନବିଭାଗ ଯେତିକି ପଦକ୍ଷେପ ଗ୍ରହଣ କରିଛି ତାହା ପର୍ଯ୍ୟାପ୍ତ ହୋଇପାରୁନାହିଁ। ପ୍ରତ୍ୟେକ ରାସ୍ତାକଡ଼ ଜଙ୍ଗଲରେ ଫାୟାର ଲାଇନ କରାଯିବା ଆବଶ୍ୟକ ଥିବା ବେଳେ ତାହା ବନବିଭାଗ ପକ୍ଷରୁ କରାଯାଇନାହିଁ। ବନବିଭାଗ ବିଭିନ୍ନ ସମୟରେ ପାଲା ଓ ସଭା ସମିତି କରି ଲୋକଙ୍କୁ ସଚେତନ କରିଥିଲେ ମଧ୍ୟ ନିଆଁ ଦାଉରୁ ଜଙ୍ଗଲ ରକ୍ଷା କରିବା ସମ୍ଭବ ହେଉନାହିଁ। ଅନ୍ୟପକ୍ଷରେ, ଚମ୍ପୁଆ ରେଞ୍ଜ କାଳିକା ପ୍ରସାଦ ସଂରକ୍ଷିତ ଜଙ୍ଗଲରେ ଗତକାଲି ନିଆଁ ଲାଗି ଯାଇଥିଲା। ବନ୍ୟପ୍ରାଣୀ ଓ ସରୀସୃପଙ୍କ ଜୀବନ ପ୍ରତି ବିପଦ ଥିବା ବେଳେ ଉକ୍ତ ଜଙ୍ଗଲରେ କିଛିଦିନ ହେବ ୧୮ ଦଳିଆ ହାତୀପଲ ନିଆଁ ପାଇଁ ଗାଁମୁହାଁ ହେବାର ଆଶଙ୍କା ବୃଦ୍ଧି ପାଇଛି। ଔଷଧୀୟ ବୃକ୍ଷ ନଷ୍ଟ ହେବାର ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇ ନପାରେ। ତେବେ, ଚମ୍ପୁଆ ରେଞ୍ଜର ଦାୟିତ୍ୱରେ ଥିବା ଏସିଏଫ ଅକ୍ଷୟ ଛତ୍ରିଆ ନିଜ ଟିମ୍ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।



# କାର୍ଯ୍ୟକ୍ଷମ ଅପେକ୍ଷାରେ ବାଲେଶ୍ୱର ସନ୍ତରଣାଗାର; ଏପ୍ରିଲରେ ଉଦ୍‌ଘାଟନ !





■ ବିଳମ୍ବରେ ଆରମ୍ଭ ହୋଇଥିଲା ନିର୍ମାଣ କାମ

■ ୨୫ ସନ୍ତରଣକାରୀ ପାଉନାହାନ୍ତି ସୁଇମିଂ ପୁଲ୍ ଓ କୋର୍ଟ

ବାଲେଶ୍ୱର, ୨୭।୨ (ସମିସ): ଉଦଘାଟନ ଅପେକ୍ଷାରେ ବାଲେଶ୍ୱରରେ ନିର୍ମାଣ ହେଉଥିବା ସନ୍ତରଣାଗାର। କୋଟି କୋଟି ବ୍ୟୟରେ ନିର୍ମାଣ ହୋଇଥିବା ସୁଇମିଂ ପୁଲ୍ ନିର୍ମାଣ ହୋଇଛି ସତ ହେଲେ ଏଯାଏଁ କାର୍ଯ୍ୟକ୍ଷମ ହୋଇନାହିଁ। ଏପଟେ ଅପେକ୍ଷା କରି ରହିଛନ୍ତି ବାଲେଶ୍ୱରର ସନ୍ତରଣକାରୀ। କାରଣ ବାଲେଶ୍ୱରରେ ଗୋଟିଏ ବି ସୁଇମିଂ ପୁଲ୍ ବା ସନ୍ତରଣାଗାର ନଥିବାରୁ ଅଭ୍ୟାସ କରିବା ପାଇଁ ଅସୁବିଧା ଭୋଗୁଛନ୍ତି। ସୁଇମିଂ ପାଇଁ ଆଗ୍ରହ ରଖିଥିବା ପିଲାମାନେ ଆଗକୁ ବଢ଼ିବାକୁ ପ୍ରୋତ୍ସାହନ ପାଉ ନଥିବା ଜଣାପଡ଼ିଛି। କେବେ ଏହା ଉଦଘାଟନ ହେବ ଏବଂ କେବେ ଏହାର ବ୍ୟବହାର ପାଇଁ ସୁବିଧା ପାଇବେ ସେନେଇ ଅପେକ୍ଷା ରହିଛି କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ। କାରଣ ଅତୀତରେ କିଛି ସନ୍ତରଣକାରୀ ପୋଖରୀରେ ପହଁରିବା ଅଭ୍ୟାସ କରି ରାଜ୍ୟସ୍ତରରେ ଅଂଶଗ୍ରହଣ କରି ବିଜୟ ହାସଲ କରିଛନ୍ତି। ଯଦି ବାଲେଶ୍ୱରରେ ସେମାନଙ୍କ ପାଇଁ ପହଁରିବା ପାଇଁ ସୁବିଧା ମିଳିଯାଏ ତାହେଲେ ସେମାନଙ୍କ ଅଭ୍ୟାସ ପାଇଁ ସହଜ ହୋଇଯିବ। ତେବେ କିଛି ବର୍ଷ ଧରି ବାଲେଶ୍ୱର ସହରର ଆଇଟିଆଇ ଛକ ନିକଟରେ ନିର୍ମାଣ ଚାଲିଥିବା ସନ୍ତରଣାଗାର ଏଯାଏଁ କାର୍ଯ୍ୟକ୍ଷମ ହୋଇନାହିଁ। ଏହା ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତର ପରେ ସୁଇମିଂ ପୁଲ୍ ବ୍ୟବହାର ନେଇ କ୍ରାଇଟେରିଆ ପ୍ରସ୍ତୁତ ହେବ। ସ୍ଲଟ୍ ବୁକିଂ ମାଧ୍ୟମରେ ଜଣେ ଏହି ସୁଇମିଂ ପୁଲ୍ ବ୍ୟବହାର କରିପାରିବେ। ସେତେବେଳେ ସମସ୍ତ ତଥ୍ୟ ପ୍ରଦାନ କରି ବୁକିଂ କରିବେ। ତେବେ ଗୋଟିଏ ଦିନରେ ୭ ଜଣ ସ୍ଲଟ୍ ବୁକ୍ କରିପାରିବେ ବୋଲି ଜିଲ୍ଲା କ୍ରୀଡ଼ା ଅଧିକାରୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଅନ୍ୟ କ୍ରୀଡ଼ା ପରି ସନ୍ତରଣରେ ମଧ୍ୟ ପିଲାମାନେ କ୍ୟାରିୟର କରିବାକୁ ଆଗ୍ରହୀ ଅଛନ୍ତି। ସନ୍ତରଣ କ୍ରୀଡା ପ୍ରତି ଆଗ୍ରହ ଥିଲେ ମଧ୍ୟ ବାଲେଶ୍ୱର ପରି ଜାଗାରେ ସୁଇମିଂ ପୁଲ୍ ଟେ ନାହିଁ। ଫଳରେ କ୍ରୀଡ଼ାବିତ୍ ଘରୋଇ ବ୍ୟବସ୍ଥା ଉପରେ ନିର୍ଭର କରୁଛନ୍ତି ନହେଲେ ନିଜର ଆଗ୍ରହକୁ ମାରି ଦେଉଛନ୍ତି। ଜିଲ୍ଲା କ୍ରୀଡା କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ ବର୍ତ୍ତମାନ ଜିଲ୍ଲାରେ ପ୍ରାୟ ୨୫ ଜଣ ସନ୍ତରଣ କ୍ରୀଡ଼ାବିତ୍ ଅଛନ୍ତି, ଯେଉଁମାନେ ରାଜ୍ୟ ସ୍ତରରେ ଅଂଶଗ୍ରହଣ ସମୟରେ ଟିଠି ପ୍ରଦାନ କରିଥାନ୍ତି। ବାଲେଶ୍ୱରରେ ସୁଇମିଂ ପୁଲ୍ କିମ୍ବା କୋର୍ଟ ନଥିବାରୁ ସନ୍ତରଣକାରୀମାନେ ଅନ୍ୟ ଜିଲ୍ଲା ଉପରେ ନିର୍ଭର କରିଥାନ୍ତି। ବାଲେଶ୍ୱରରେ ସନ୍ତରଣ ନିମନ୍ତେ ନା କିଛି ପ୍ରଶିକ୍ଷଣ ଦିଆଯାଉଛି ନା କିଛି ପ୍ରତିଯୋଗିତା ଆୟୋଜିତ ହୋଇଥାଏ; ବରଂ ଯେଉଁମାନେ ସନ୍ତରଣରେ କ୍ୟାରିୟର କରିବାକୁ ଆଗ୍ରହୀ ହୁଅନ୍ତି ସେମାନଙ୍କୁ ଚୟନ କରି ଜିଲ୍ଲା କ୍ରୀଡା ବିଭାଗ ସିଧାସଳଖ ରାଜ୍ୟସ୍ତରକୁ ପଠାଇଥାନ୍ତି। କାରଣ ବାଲେଶ୍ୱରରେ ଅଭ୍ୟାସ ପାଇଁ ସରକାରୀ ବ୍ୟବସ୍ଥା ନାହିଁ। ସେଥିପାଇଁ ଅନେକ କ୍ରୀଡ଼ାବିତ୍ ନିରାଶ ହୁଅନ୍ତି। ପ୍ରକାଶ ଥାଉକି, ୫୦ କୋଟି ଟଙ୍କାର ୬ ଟି ପ୍ରକଳ୍ପରେ ସୁଇମିଂ ପୁଲ୍ କାମ ଚାଲିଛି। ଭୁବନେଶ୍ୱରରେ ୨ଟି, ନୟାଗଡ଼ରେ ଗୋଟିଏ, ଭବାନୀପାଟଣାରେ ୧, ଝାରସୁଗୁଡ଼ାରେ ଗୋଟିଏ ଏବଂ ବାଲେଶ୍ୱରରେ ଗୋଟିଏ ସୁଇମିଂ ପୁଲ୍ ନିର୍ମାଣ ଚାଲିଛି ବୋଲି ସ୍ଥାନୀୟ କନସଲଟାଣ୍ଟ ସୂଚନା ଦେଇଛନ୍ତି। ତେବେ ଜାଗା ହସ୍ତାନ୍ତର ପାଇଁ ବିଳମ୍ବ ହେତୁ କାମ ମଧ୍ୟ ବିଳମ୍ବରେ ଆରମ୍ଭ ହୋଇଥିଲା। ୨୦୨୩ ମସିହା ବେଳକୁ ଆଇଟିଆଇ ପଡ଼ିଆର ଗୋଟେ ପାର୍ଶ୍ୱରେ ଓବିସିସି ସୁଇମିଂ ପୁଲ୍ ନିର୍ମାଣ କାମ ଆରମ୍ଭ କରିଥିଲା। ଏବେ କାମ ମଧ୍ୟ ଶେଷ ହୋଇଆସିଲାଣି। ପୁଲ୍‌ରେ ପାଣି ଟେଷ୍ଟିଙ୍ଗ୍ ଚାଲିଛି। ଆଉ କିଛି ଛୋଟମୋଟ କାମ ପରେ ଏହା ହସ୍ତାନ୍ତର କରାଯିବ। ଏବାବଦରେ ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଜେନା କହିଛନ୍ତି, ସୁଇମିଂ ପୁଲ୍‌ଟି ଏପ୍ରିଲ ମାସ ବେଳକୁ ଉଦଘାଟନ ହେବାର ଯୋଜନା ରହିଛି। କାରଣ ଏହି ସୁଇମିଂ ପୁଲ୍ ନିର୍ମାଣ ଦାୟିତ୍ୱ ଓବିସିସି କରୁଛି। ଆମକୁ ଏଯାଏଁ ଏହା ହସ୍ତାନ୍ତର ହୋଇନାହିଁ। ଏପ୍ରିଲ ୭ ତାରିଖରେ ହସ୍ତାନ୍ତର କରିବେ।

● ଛାତ୍ରୀଙ୍କୁ ଶିକ୍ଷକଙ୍କ ଅସଦାଚରଣ ଅଭିଯୋଗ

## ଶିକ୍ଷକଙ୍କୁ ଅଟକ ରଖିଲେ ଲୋକ



ରାଜଘାଟ, ୨୭।୨(ସମିସ): ଛାତ୍ରୀଙ୍କୁ ଅସାଦାଚରଣ କରିବା ଅଭିଯୋଗରେ ବିଦ୍ୟାଳୟର ଜଣେ ଶିକ୍ଷକଙ୍କୁ ତାଲା ମାରି ଅଟକ ରଖିଥିଲେ ଲୋକ। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ଗୁହାଳିପଦା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଘଟିଛି ଅଭାବନୀୟ ଘଟଣା। ଏହି ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ କୃଷ୍ଣଚନ୍ଦ୍ର ମଲ୍ଲିକ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ନେଇ ଅଭିଯୋଗ କରିଛନ୍ତି ଛାତ୍ରୀ। ଏନେଇ ଛାତ୍ରୀମାନେ ଘରେ ଜଣାଇବା ପରେ ଆଜି ଅଭିଭାବକମାନେ ବିଦ୍ୟାଳୟରେ ପହଞ୍ଚି ଉକ୍ତ ଶିକ୍ଷକଙ୍କୁ ପଚାରିବାରୁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଯାହାଫଳରେ ଅଭିଭାବକମାନେ ଉକ୍ତ ଶିକ୍ଷକଙ୍କୁ ଶ୍ରେଣୀଗୃହ ଭିତରେ ବନ୍ଦ କରି ରଖିଛନ୍ତି। ଖବର ଲେଖା ପର୍ଯ୍ୟନ୍ତ ଘଟଣାର ସମାଧାନ ହୋଇପାରିନାହିଁ।

## ବେଆଇନ ଭାବେ କାଟିଦେଲେ ମୂଲ୍ୟବାନ ଗଛ



ଜଳେଶ୍ୱର ବ୍ଲକ, ୨୭।୨(ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଓଲମରା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପରିସରରେ ଏକ ନୂତନ କୋଠା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପାଖାପାଖି ୨ କୋଟି ଟଙ୍କା ଅନୁଦାନ ଆସିଛି। ସେଥିପାଇଁ ଓଲମରା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପରିସରରେ ଥିବା ମୂଲ୍ୟବାନ ୭ଟି ଗଛ କାଟିବାର ଆବଶ୍ୟକତା ରହିଥିବାରୁ ବାଲେଶ୍ୱର ବନ୍ୟପ୍ରାଣୀ ବନଖଣ୍ଡ ତତ୍ତ୍ୱାବଧାରକ ଡିଏଫଓ ପ୍ରଫୁଲ୍ଲ ମଲ୍ଲିକଙ୍କ ଅନୁମୋଦନକ୍ରମେ ବାରିପଦା କର୍ପୋରେସନର ଡିଭିଜନାଲ ମ୍ୟାନେଜରଙ୍କୁ ଅନୁମତି ପ୍ରଦାନ କରାଯାଇଥିଲା କିନ୍ତୁ କର୍ପୋରେସନ କର୍ତ୍ତୃପକ୍ଷ ୭ଟି ଗଛ କାଟିବା ପରିବର୍ତ୍ତେ ୧୧ଟି ମୂଲ୍ୟବାନ ଫଳନ୍ତି ଗଛ କାଟିଛନ୍ତି। ଏନେଇ ଓଲମରା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର କାର୍ଯ୍ୟରତ ଡକ୍ଟର ସ୍ୱପ୍ନଙ୍ଗଶ୍ରୀ ମହାନ୍ତି କହିଥିଲେ କି, ଆମର ନୂତନ ଗୃହ ନିର୍ମାଣ ପାଇଁ ୭ଟି ଗଛ କାଟିବା ଆବଶ୍ୟକତା ରହିଥିବା ବେଳେ ସେମାନେ କାହିଁକି ୧୧ଟି ଗଛ କାଟିଲେ। ଆମକୁ ଜଣା ନାହିଁ। ଏ ବାବଦରେ ଆମେ ବନ ବିଭାଗକୁ ଅବଗତି କରାଇଛୁ। ଅନୁରୂପ ଭାବେ ଖୁଆଡ ଗ୍ରାମପଞ୍ଚାୟତର ଯୁଆଳିଭଙ୍ଗା ଗୁଡ଼ି ଖାଦାନ ପାଖରେ ଅବସ୍ଥିତ ରହିଥିବା ବାଗବୁଡ଼ାଜଙ୍ଗଲକୁ କାଟିବା ସଂକ୍ରାନ୍ତରେ ବାଲେଶ୍ୱର ବନ୍ୟପ୍ରାଣୀ ବନଖଣ୍ଡ ତତ୍ତ୍ୱାବଧାରକ ଡିଏଫ୍‌ଓ ପ୍ରଫୁଲ୍ଲ କୁମାର ମଲ୍ଲିକ କହିଥିଲେ, ଆମେ ଏ ବାବଦରେ ତୁରନ୍ତ ତଦନ୍ତ କରି ବେଆଇନ ଭାବେ ଗଛ କାଟିଥିବା ବ୍ୟକ୍ତି ଓ ସେମାନଙ୍କ ସହଯୋଗ କରିଥିବା ଅଧିକାରୀଙ୍କ ଉପରେ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ।

## ଶ୍ରୀଜଗନ୍ନାଥ, ମା' ଲକ୍ଷ୍ମୀ ଓ ମହାଦେବଙ୍କ ମନ୍ଦିର ନିର୍ମାଣର ଭୂମିପୂଜା



ରାଜଘାଟ, ୨୭।୨(ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଦରଡ଼ା ପଞ୍ଚାୟତ ଅନ୍ତର୍ଗତ ମନ୍ଦ୍ରଡା ଗ୍ରାମରେ ଶ୍ରୀ ଜଗନ୍ନାଥ, ମା' ଲକ୍ଷ୍ମୀ ଏବଂ ଦେବ ଦେବ ମହାଦେବଙ୍କ ମନ୍ଦିର ନିର୍ମାଣ ନିମନ୍ତେ ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଗ୍ରାମ ତଥା ପଡ଼ୋଶୀ ଗ୍ରାମର ବହୁ ପୁରୁଷ ଓ ମହିଳା ଶ୍ରଦ୍ଧାଳୁ ଏବଂ ବିଶିଷ୍ଟ ବ୍ୟକ୍ତି ଭୂମି ପୂଜନରେ ଉପସ୍ଥିତ ଥିଲେ। ମନ୍ଦିର କମିଟିର ସଭାପତି ଗୌରାଙ୍ଗ ମହାନ୍ତି ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଜଳଧର ମହାନ୍ତି, ଯୋଗେଶ ମହାନ୍ତି, ବିଦ୍ୟାଧର ପାତ୍ର, ରବିନ୍ଦ୍ର ସ୍ୱାଇଁ, ଗଣେଶ ଦାସ, ରତ୍ନାକର ସ୍ୱାଇଁ, ଗୋପାଳଚନ୍ଦ୍ର ଦାସ, ତାମସ ମହାନ୍ତି, ଶରତ କୁମାର ପାତ୍ର, ଅଶୋକ ଗୋଚ୍ଛାୟତ, ଶିବସୁନ୍ଦର ଦାସ ପ୍ରମୁଖ ସହଯୋଗ କରିଥିଲେ।

ସାରସ୍ୱତ ସାଧକ ମନୋଜ ଦାସଙ୍କ ଜୟନ୍ତୀ

## କୃତୀ ଛାତ୍ରଛାତ୍ରୀଙ୍କୁ 'ମନୋଜ ଦାସ ସ୍ମାରକୀ ସ୍ୱର୍ଣ୍ଣପଦକ'



ବାଲେଶ୍ୱର,୨୭।୨(ସମିସ): ସାରସ୍ୱତ ସାଧକ ମନୋଜ ଦାସଙ୍କ ୯୩ତମ ଜୟନ୍ତୀ ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ପାଳିତ ହୋଇଯାଇଛି। ଏହି ଅବସରରେ 'ମନୋଜାୟନ' ପରିଷଦର ସଦସ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସ୍ୱାଗତ ଭାଷଣରେ କୁଳସଚିବ କୁକୁମିନା ଦାସ, ମନୋଜ ଦାସଙ୍କ ଲେଖନୀରେ ହାସ୍ୟରସ, ଗଭୀର ଅନ୍ତର୍‌ଦୃଷ୍ଟି ଓ ରହସ୍ୟର ସୁନ୍ଦର ସମନ୍ୱୟ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ଅଭିରାମ ବିଶ୍ୱାଳ ଯୋଗ ଦେଇଥିଲେ। ବାଲେଶ୍ୱର ଜିଲ୍ଲାର ଶଂଖାରୀ ଗ୍ରାମରେ ଜନ୍ମିତ ବାଗ୍ମୀ ଓ ବିଶିଷ୍ଟ କଥାକାର ମନୋଜ ଦାସଙ୍କ ସାହିତ୍ୟିକ ଜୀବନ ତଥା ପରିଚୟ ଉପସ୍ଥାପନ କରିଥିଲେ। ଆମନ୍ତ୍ରିତ ସମ୍ମାନିତ ଅତିଥି ପ୍ରଫେସର ନିରଞ୍ଜନ ପାଢ଼ୀ ବକ୍ତବ୍ୟରେ କହିଥିଲେ ଯେ ମନୋଜ ଦାସଙ୍କ ଲେଖନରେ ଗଭୀର ଚିନ୍ତନ ଓ ଦାର୍ଶନିକ ଅନୁଭୂତିର ସ୍ପଷ୍ଟ ପ୍ରତିଫଳନ ଦେଖିବାକୁ ମିଳେ। ତାଙ୍କ ରଚନା ପାଠକଙ୍କୁ ଭୌତିକତାର ସୀମା ଉଲ୍ଲଙ୍ଘନ କରି ଆଦିଭୌତିକ ଚେତନାର ଦିଗକୁ ନେଇଯାଏ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ମନୋଜ ଦାସଙ୍କ ରଚନାର ଚିରସ୍ଥାୟୀ ପ୍ରଭାବ ବିଷୟରେ ମତାମତ ରଖିଥିଲେ। ଏହି ଅବସରରେ ୨୦୨୩, ୨୦୨୪ ଓ ୨୦୨୫ ବର୍ଷରେ ଓଡ଼ିଆ ଭାଷା ସମ୍ମାନରେ ସ୍ନାତକ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ 'ମନୋଜ ଦାସ ସ୍ମାରକୀ ସ୍ୱର୍ଣ୍ଣପଦକ' ପ୍ରଦାନ କରାଯାଇଥିଲା। ୨୦୨୩ ପାଇଁ ସିଦ୍ଧେଶ୍ୱର ମହାବିଦ୍ୟାଳୟ, ଅମରଦାରୋଡର ତସଲିମା ଖାତୁନ; ୨୦୨୪ ପାଇଁ ତିହିଡ଼ି ଡିଗ୍ରୀ ମହାବିଦ୍ୟାଳୟ, ତିହିଡ଼ିର ଲକ୍ଷ୍ମୀପ୍ରିୟା ଭୋଇ; ଏବଂ ୨୦୨୫ ପାଇଁ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ, ଜଗାଇର ମୌସୁମୀ ଦାସ ସ୍ୱର୍ଣ୍ଣପଦକରେ ସମ୍ମାନିତ ହୋଇଥିଲେ। ସୂଚନାଯୋଗ୍ୟ, ବାଲେଶ୍ୱରସ୍ଥିତ 'ମନୋଜାୟନ' ପରିଷଦର ପ୍ରଦତ୍ତ ଅର୍ଥରେ ଛାତ୍ରଛାତ୍ରୀଙ୍କୁ ଏହି ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଛି। ପ୍ରାରମ୍ଭିକ ସୂଚନା, ଅତିଥି ପରିଚୟ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଡ଼କ୍ଟର ଦେବାଶିଷ ପାତ୍ର ପ୍ରଦାନ କରିଥିଲେ। ଭାଷା ଓ ସାହିତ୍ୟ ବିଭାଗର ଗବେଷଣାରତ ଛାତ୍ର ବାବୁଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଜମୁଛି ସାର୍ବଜନୀନ ମା' କାଳୀ ପୂଜା ଓ ଗ୍ରାମୀଣ ମେଳା

କାଳିପଦା, ୨୭।୨(ସମିସ): ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଖପରାପଦା ବଜାରଠାରେ ଆରମ୍ଭ ହୋଇଥିବା ସାର୍ବଜନୀନ ମା' କାଳୀପୂଜା ଓ ଗ୍ରାମୀଣ ମେଳା ଏବେ ଜମୁଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗ ଦେଇଥିଲା ବେଳେ ମଙ୍ଗଳବାର ସୁବର୍ଣ୍ଣରେଖା ନଦୀରୁ ଘଟ ଉତ୍ତୋଳନ କରାଯାଇ ମା' କାଳୀଙ୍କ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଥିଲା। କମିଟିର ବରିଷ୍ଠ ସଦସ୍ୟ ପରମାନନ୍ଦ ଜେନାଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଶ୍ରୀରାମପୁର ସରପଞ୍ଚ ଦେବ କୁମାର ଦେ, ସମ୍ମାନିତ ଅତିଥି ଭାବେ ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ବେଣୁଧର ଜେନା, ଦେଭୋଗ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ମୃତ୍ୟୁଞ୍ଜୟ ନାୟକ,ଶ୍ରୀରାମପୁର ପଞ୍ଚାୟତ ସମିତି ସଦସ୍ୟାଙ୍କ ପ୍ରତିନିଧି ଭଜନ ବେହେରା, ମଧୁପୁରା ପଞ୍ଚାୟତର ପୂର୍ବତନ ସମିତି ସଦସ୍ୟ ମନ୍ମଥ ବାରିକ ପ୍ରମୁଖ ଯୋଗ ଦେଇଥିଲେ। କମିଟିର ସଦସ୍ୟ ସାମ୍ବାଦିକ ଗୋପନାରାୟଣ ଜେନା ମଞ୍ଚ



ସଂଯୋଜନା କରିଥିଲେ। ପ୍ରହ୍ଲାଦ ଚରଣ ଜେନା, ମହେଶ୍ୱର ପାତ୍ର, ପ୍ରସନଜିତ ପ୍ରଧାନ, ପ୍ରବୋଧ ସାହୁ, ସ୍ୱଦେଶ ସାହୁ, ସଂକଳ୍ପ ଜେନା, ଅନନ୍ତ ଜେନା, ରାଧାକୃଷ୍ଣ ଦାସ, ମାନସ ଦାସ, ଜ୍ୟୋତିସାଗର ବେହେରା, ଚନ୍ଦନ ରାଜ, ଶ୍ରୀଧର ସାହୁ, ନିତ୍ୟାନନ୍ଦ ପାତ୍ର, କୁନା ପାତ୍ର, ବାନ୍ତ ଦେ, କବି ଦେ ସହଯୋଗ କରିଥଲେ। କୁନି କୁନି ପିଲାଙ୍କ ଦ୍ୱାରା ପ୍ରତିଭା ଅନ୍‌ୱେଷଣ କାର୍ଯ୍ୟକ୍ରମ ଏବଂ ସଭା ପରେ ଭୋଗରାଇର ବିଶ୍ୱଭାରତୀ ଡାନ୍ସ ଗ୍ରୁପର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ବିଳମ୍ବିତ ରାତ୍ରୀ ପରିବେଷିତ ହୋଇଥିଲା।

## ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣର ଜିଲ୍ଲା ଯୋଜନା ବୈଠକ

ବାଲେଶ୍ୱର,୨୭।୨(ସମିସ): ଖାନନଗରସ୍ଥିତ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟର ବୈଠକ ଗୃହରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନ ଜିଲ୍ଲା ଯୋଜନା ବୈଠକ ବିଜେପି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଈଶ୍ୱରଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ତଥା କର୍ମଶାଳା ପର୍ଯ୍ୟବେକ୍ଷକ ବିରଞ୍ଚି ନାରାୟଣ ତ୍ରୀପାଠୀ ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଭାବରେ ବାଲେଶ୍ୱର ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ମଞ୍ଚ ଆହ୍ୱାନ କରିଥିଲେ। ଆଗାମୀ ଦିନରେ ହେବାକୁ ଥିବା ବୁଥ୍ ସ୍ତରୀୟ ଉତ୍ତରଦାୟୀ କାର୍ଯ୍ୟକର୍ତ୍ତାଙ୍କୁ ନେଇ ପ୍ରଶିକ୍ଷଣ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଶେଷରେ ରାଷ୍ଟ୍ରୀୟ ସଙ୍ଗୀତ ଗାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ସଦର ବିଧାୟକ ମାନସ କୁମାର ଦତ୍ତ, ବଡ଼ସାହି ବିଧାୟକ ସନାତନ ବିଜୁଳି, ରଜ୍ୟ ଉପସଭାପତି ସିପ୍ରା ବାଜପେୟୀ, କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ଶୁଭଙ୍କର ମହାପାତ୍ର, ବରିଷ୍ଠ ନେତ୍ରୀ ସୁଷମା ରାଣୀ ବିଶ୍ୱାଳ, ଜିଲ୍ଲା ଉପ ସଭାପତି ଗୌରାଙ୍ଗ ଚରଣ ଦାସ, ସାଧାରଣ ସମ୍ପାଦକ ଚନ୍ଦ୍ର ଶେଖର ନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ। ସାଧାରଣ ସମ୍ପାଦକ ଡଃ ଅଣୁମାଧବ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଷାପକ୍ଷ ଓ କୁଟୀର ବହିମେଳାରେ କବି ପ୍ରଶାନ୍ତ ଦାସ ସାହିତ୍ୟ ସନ୍ଧ୍ୟା

ବାଲେଶ୍ୱର,୨୭।୨(ସମିସ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ଭାଷାପକ୍ଷ ଓ କୁଟୀର ବହିମେଳାର ଚତୁର୍ଥ ଦିବସରେ କବି ପ୍ରଶାନ୍ତ ଦାସ ସାହିତ୍ୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଗାଳ୍ପିକ ନିବାରଣ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସନ୍ଧ୍ୟାରେ ଯୁବ ଗବେଷିକା ଲୋପାମୁଦ୍ରା ଦାସ, କବି ମଧୁସୂଦନ ମିଶ୍ର ଓ ଶୁଭଶ୍ରୀ ଦାସ ଆଲୋଚକ ଭାବେ ଯୋଗଦେଇଥିଲେ। କବି ଶ୍ରୀଯୁକ୍ତ ଦାସ ତାଙ୍କ ବକ୍ତବ୍ୟରେ କହିଥିଲେ, 'ଅତିଚେତନ ମନରେ ପୁଞ୍ଜିଭୂତ ଥିବା ଶବ୍ଦ ଓ ଭାବନା ବେଳେବେଳେ ଅକସ୍ମାତ କବିତା ହୋଇ କାଗଜ କଲମରେ ଫୁଟିଉଠନ୍ତି। ନିଜର ସ୍ୱାକ୍ଷର ବହନ କରୁଥିବା କବିତା ହିଁ କାଳଜୟୀ ହୋଇଥାଏ'। କବି ଶ୍ରୀଦେବ, ଡ. ରନ୍ତାକର ସିଂହ, ଗୀତାଞ୍ଜଳି ଶତପଥୀ, ଡ, ସମରବଲ୍ଲଭ ଭୋଇ, ତ୍ରିନାଥ ନନ୍ଦୀ, ଜ୍ଞମରନାଥ ପାତ୍ର ପ୍ରମୁଖ କବିଙ୍କ ବିଭିନ୍ନ କବିତା ଆବୃତ୍ତି କରିଥିଲେ। ଅନୁଷ୍ଠାନ ସଭାପତି ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ ଉତ୍ସବର ଆଭିମୁଖ୍ୟ ସଂପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ଗବେଷକ ଡ. କୈଳାଶ ପଟ୍ଟନାୟକ କବି ଶ୍ରୀ ଦାସଙ୍କ ସୃଷ୍ଟିସମ୍ଭାର ସଂପର୍କରେ ବକ୍ତବ୍ୟ ରଖିଥିଲେ। ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ରଚିତ ତଥା କବି ଶ୍ରୀ ଦାସଙ୍କ ଉପରେ ଆଧାରିତ ଗୋଟିଏ କବିତାକୁ କଲ୍ୟାଣୀ ନନ୍ଦ ଗାନ କରିଥିଲେ। ଯୁଗ୍ମ ସମ୍ପାଦକ ଜ୍ଞମରନାଥ ପାତ୍ର ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ସାଧାରଣ ସଂପାଦକ ଡ. ତ୍ରିପାଠୀ ଶେଷକଥା ରଖିଥିଲେ। ପ୍ରଦୀପ ଚାଟାର୍ଜୀ, ଶରତ କୁମାର ମହାପାତ୍ର, ରାଜେନ୍ଦ୍ର ରାଉତ, ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ, ସଂଜୟ କୁମାର ପଣ୍ଡା, କବିତା ଜେନା, ଅର୍ଚ୍ଚନା କର, ଲମ୍ବୋଦର ନାୟକ, ବିଜୟ କୁମାର ମହାନ୍ତି, ପ୍ରଣୀତା ମିଶ୍ର, ନରେନ୍ଦ୍ରନାଥ ପାଣିଗ୍ରାହୀ, ପ୍ରଫୁଲ୍ଲ କୁମାର ଦାସ, ରଶ୍ମିତା ପରିଡ଼ା, ରାଜସ୍ମିତା ସାହୁ, ଅନିଶା ନାଏକ, ଉର୍ମିଳା ନାୟକ, ଭାସ୍କରଚନ୍ଦ୍ର ମିଶ୍ର, ପୀତାମ୍ବର ବେହେରା, ଦୀପକ ଦାସ, ବାସନ୍ତୀ ଦେ, ଅବନ୍ତୀ ପ୍ରଧାନ, ରମାକାନ୍ତ ମହାନ୍ତି, କରୁଣାକର ସ, ସୁଦୀପ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ବିନା ସୂଚନା ଫଳକରେ ସରକାରୀ କାମ

## ସରକାରୀ ନିୟମ ଉଲଂଘନ କରୁଛନ୍ତି ପିଇଓ ଓ ଯନ୍ତ୍ରୀ

ବାଲିଆପାଳ, ୨୭।୨ (ସମିସ): ସରକାରୀ କାମରେ ସ୍ୱଚ୍ଛତା ଆଣିବା ଉଦ୍ଦେଶ୍ୟରେ କାର୍ଯ୍ୟ ଆରମ୍ଭ ପୂର୍ବରୁ ସୂଚନା ଫଳକ ଲଗାଇବା ନିମନ୍ତେ ପଞ୍ଚାୟତିରାଜ ବିଭାଗର ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ମାତ୍ର ବାଲିଆପାଳ ବ୍ଲକର ଅଧିକାଂଶ ପଞ୍ଚାୟତରେ ଏହି ନିୟମକୁ ବ୍ଲକର କାର୍ଯ୍ୟରତ ଯନ୍ତ୍ରୀ, ପିଇଓ ମାନେ ଫୁ କରି ଉଡାଉଛନ୍ତି। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ବାଲିଆପାଳ ବ୍ଲକ ବାଲିକୁଟି ପଞ୍ଚାୟତରେ। ବାଲିକୁଟି ପଞ୍ଚାୟତର ବାଇଟିଙ୍ଗିରି ଗ୍ରାମରେ ଗତକାଲି ବାଇଟିଙ୍ଗିରି ପୋଲଠାରୁ ଶ୍ମଶାନକୁ ନୂତନ ପକ୍କା ରାସ୍ତା ନିର୍ମାଣ ହୋଇଯାଇଛି। ମାତ୍ର ସୂଚନା ଫଳକ ଲଗା ଯିବାର ଦେଖିବାକୁ ମିଳିନାହିଁ। ଠିକ ସେହିପରି ଏହି ପଞ୍ଚାୟତର ବାଲିକୁଟି, ମହାବଳା, ଛଡା ଏବଂ ଡେମୁରିଆ ଗ୍ରାମରେ ହେଉଥିବା ବିଭିନ୍ନ ସରକାରୀ କାମ ଯଥା ରାସ୍ତା ନିର୍ମାଣ, ପାଚେରି ନିର୍ମାଣ, ସ୍କୁଲ ଗୃହ ମରାମତି, ପାଣି ପାଇପ ମରାମତି ଭଳି ବିଭିନ୍ନ କାମ ବିନା ସୂଚନା ଫଳକରେ ହେଉଥିବାର ପଞ୍ଚାୟତବାସୀ ଅଭିଯୋଗ ଆଣିଛନ୍ତି। କାର୍ଯ୍ୟ ସରିଲା ପରେ ସରକାରୀ ବାବୁମାନେ ଠିକାଦାରଙ୍କ ଜରିଆରେ ଫଳକ ଲଗାଉଥିବା ଦେଖିବାକୁ ମିଳିଛି। ନିର୍ମାଣ କାର୍ଯ୍ୟକୁ ଯନ୍ତ୍ରୀ ଏବଂ ପିଇଓମାନେ ସଠିକ ଭାବରେ ତଦାରଖ କରୁ ନଥିବାରୁ ଠିକାଦାରମାନେ ମନମୁଖୀ କାର୍ଯ୍ୟ କରୁଥିବା ପରିଲକ୍ଷିତ ହେଉଛି। ଜନସାଧାରଣଙ୍କୁ ସୂଚନା ନଦେଇ ବିଭିନ୍ନ ପ୍ରକଳ୍ପରେ



ସରକାରୀ କାର୍ଯ୍ୟ କରିବାକୁ ସାମାଜିକ କର୍ମୀ ରାଜକିଶୋର ପାତ୍ର ବିରୋଧ କରିଛନ୍ତି। ଶ୍ରୀ ପାତ୍ର ପଞ୍ଚାୟତିରାଜ ବିଭାଗ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଏ ବାବଦରେ ଜଣାଇଛନ୍ତି। ତେବେ, ବାଲିକୁଟି ପିଇଓ ସନ୍ୟାସୀ ବଡୁଙ୍କୁ ପଚାରିବାରୁ ସୂଚନା ଫଳକ ହୋଇନଥିବା ବିଷୟରେ ସେ ଜାଣିନଥିବା କହିବା ସହ ଯଦି ହୋଇ ନଥିବ ତେବେ ଆଗକୁ ହେବ ବୋଲି କହିଛନ୍ତି।

# କୁଳଡିହା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ରାଜଘାଟ, ୨୭।୨(ସମିସ): ବସ୍ତା ବ୍ଲକ ଭେଲୋରା ପଞ୍ଚାୟତ ଅନ୍ତର୍ଗତ କୁଳଡିହା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱନାଥ ହେମ୍ବ୍ରମଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ସରପଞ୍ଚ ଦୁର୍ଗାରାଣୀ ଜେନା, ମୁଖ୍ୟବକ୍ତା ସମିତିସଭ୍ୟ ଅନାଦି ଦାସ, ସମ୍ମାନିତ ଅତିଥି ସିଆରସିସି ବରେନ୍ଦ୍ର କୁମାର ହାଁସଦା, ପରିଚାଳନା କମିଟି ସଭାପତି କମଳାକାନ୍ତ ବେହେରା, ଗୌରାଙ୍ଗ ପ୍ରଧାନ, କାଳୀଚରଣ ପ୍ରଧାନ, ଶମ୍ଭୁନାଥ ବେହେରା, ଅଜୟକୃଷ୍ଣ ଦାସ, ଅନନ୍ତ ପରିଡ଼ା, ରବୀନ୍ଦ୍ର ମହାନ୍ତି, ଅରବିନ୍ଦ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଅତିଥିଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ ସହ ବିଭିନ୍ନ ବିଭାଗରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମରେ ସିଆରସିସି ଗଣେଶଚନ୍ଦ୍ର ଜେନା ଅତିଥି ପରିଚୟ ସହ ମଞ୍ଚ ପରିଚାଳନା କରିଥିଲେ। ପରିଚାଳନା କମିଟିର ସମସ୍ତ ସଦସ୍ୟ ସହ କୁଳଡିହା ଗ୍ରାମର ଗ୍ରାମବାସୀ ସହଯୋଗ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ଦିଲ୍ଲୀପ ଗୋଛାୟତ ଧନ୍ୟବାଦ ଦେଇଥିଲେ।

# ବାଲି ଖାଦାନ ଜନଶୁଣାଣିରେ ଦୁଇ ଗୋଷ୍ଠୀ ମୁହାଁମୁହିଁ

ଜଳେଶ୍ୱର ବ୍ଲକ, ୨୭।୨(ସମିସ)



ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ତହସିଲ ମହମ୍ମଦ ନଗର ପାଟଣା ପଞ୍ଚାୟତର ଶେକସରାଇ (କ) ଖାଦାନ ପାଇଁ ଶୁକ୍ରବାର ଦିନ ୧୦ଟା ସମୟରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ମହମ୍ମଦନଗର ପାଟଣା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଜନଶୁଣାଣି ଉଭୟ ବସ୍ତା ବ୍ଲକ ଓ ଜଳେଶ୍ୱର ବ୍ଲକର ୭ଟି ଗ୍ରାମପଞ୍ଚାୟତର ସନସାଧାରଣଙ୍କୁ ନେଇ ଚାଲିଥିଲା। ଏଥିରେ ବାଲେଶ୍ୱର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କର୍ମଚାରୀ ସାଙ୍ଗକୁ ବାଲେଶ୍ୱର ରାଜସ୍ୱ ବିଭାଗର ଏଡିଏମ୍ ହେମନ୍ତ ସିଂ, ବସ୍ତା ଏସଡିପିଓ ମାନସ ଦେ, ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି, ଜଳେଶ୍ୱର ଏସଡିପିଓ ଚାନ୍ଦମଣି ସିଂ ଜଳେଶ୍ୱର ଆଇଆଇସି ଅଶୋକ ବାରିକ୍ ପ୍ରମୁଖ ଅଧିକାରୀ ଯୋଗ ଦେଇଥିଲେ। ୨୦୧୫ ମସିହାର ଏହି ସୈରାତକୁ ନିଲାମ ହୋଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ବାଲି ଉତ୍ତୋଳନ ହୋଇ ନଥିଲା। ଦୀର୍ଘ ୧୦ ବର୍ଷ ପରେ କେଉଁ ଆଧାରରେ ଜନଶୁଣାଣି ହେଉଛି ତାକୁ ନେଇ ପ୍ରଶାସନକୁ ପ୍ରଶ୍ନ କରିଥିଲେ ସାଧାରଣ ଲୋକେ ଓ କିଛି ବ୍ୟକ୍ତି। ବାଲି ଖାଦାନ ହେବା ସପକ୍ଷରେ ମତ ପ୍ରକାଶ କରିଥିଲା ବେଳେ ଅଧିକ ସଂଖ୍ୟକ ଲୋକ ବାଲି ଖାଦାନ ଦ୍ୱାରା ହେଉଥିବା କ୍ଷତି ଓ ପ୍ରଦୂଷଣ ସମ୍ପର୍କରେ ଅଧିକାରୀଙ୍କୁ ଜଣାଇବା ସହିତ ଏହି ଖାଦାନ ନ ହେବାକୁ ମତ ପ୍ରକାଶ କରିଥିଲେ। ଏହି ସମୟରେ ସପକ୍ଷ ଗୋଷ୍ଠୀ ଓ ବିପକ୍ଷ ଗୋଷ୍ଠୀ ମଧ୍ୟରେ କଥା କଟାକଟିରୁ ଜନଶୁଣାଣି କ୍ଷେତ୍ର ପାଲଟି ଗଲା ରଣକ୍ଷେତ୍ର। ଉଭୟ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ଜଣେ ଆହତ ହେବା ସହିତ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ପୁଲିସ ଘଟଣାସ୍ଥଳରୁ ଥାନାକୁ ଉଠାଇ ଆଣିଥିବାର ସୂଚନା ରହିଛି। ଏନେଇ ଜଳେଶ୍ୱର ଥାନାରେ ଉଭୟ ପକ୍ଷରୁ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଅଧିକ ତଦନ୍ତ ଚଳାଇବା ସହ ଏହି ଜଣ ଶୁଣାଣି ବନ୍ଦ କରାଯାଇଛି।

## ମୋବାଇଲ୍ ଚୋରି ଉଦ୍ୟମ

ବାଲେଶ୍ୱର, ୨୭।୨(ସମିସ): ଶୂନଶାନ ରାସ୍ତାରେ ବୃଦ୍ଧି ପାଉଛି ମୋବାଇଲ ଚୋରି। ରାସ୍ତାରେ ଏକୁଟିଆ ଯାଉଥିବା ଲୋକଙ୍କୁ କରାଯାଉଛି ଟାର୍ଗେଟ। ଏପରି ଏକ ଘଟଣା ବାଲେଶ୍ୱର ସହର ଜେଲ୍ ରୋଡ୍ ନିକଟରେ ଘଟିଯାଇଛି। ଜେଲ ରୋଡଠାରୁ ନର୍ଥ ହଷ୍ଟେଲ ରାସ୍ତାରେ ଥିବା ପ୍ରଜାପତି ବ୍ରହ୍ମାକୁମାରୀ ଗୃହ ନିକଟରେ ଜଣେ ଝିଅଠାରୁ ମୋବାଇଲ ଚୋରି ହେବାରୁ ବର୍ତ୍ତିଗଲା। ସକାଳ ସମୟରେ ଉକ୍ତ ରାସ୍ତାରେ ଜଣେ ଯୁବକ ସାଇକଲରେ ଆସି ମୁହଁରେ କଳା କପଡ଼ା ପିନ୍ଧି ଝିଅଟିର ମୋବାଇଲ ଛଡ଼ାଉଥିଲେ। ଏହି ସମୟରେ ନନ୍ଦକିଶୋର ଏହି ଘଟଣାକୁ ଦେଖି ଦୂରରୁ ନିଜ ଗାଡ଼ିର ହର୍ଣ୍ଣ ବଜାଇବାକୁ ଆରମ୍ଭ କରିଥିଲେ। ଫଳରେ ଚୋର ହାତରୁ ମୋବାଇଲ ହାତରୁ ଖସି ପଡ଼ିଥିଲା। ଏହାଦ୍ୱାରା ଝିଅଟିର ମୋବାଇଲ ଚୋରି ହଉ ହଉ ରହିଯାଇଥିଲା। ନନ୍ଦକିଶୋର ସିନେମା ଛକ ପର୍ଯ୍ୟନ୍ତ ଉକ୍ତ ଚୋରର ପିଛା ମଧ୍ୟ କରିଥିଲେ। ମାତ୍ର ସେ ଟାଉନ ହଲ ରାସ୍ତାରେ ପଳେଇ ଯାଇଥିଲା।

## ମିଶନ ବାତ୍ସଲ୍ୟର ବ୍ଲକସ୍ତରୀୟ ଆଲୋଚନାଚକ୍ର

ଜଳେଶ୍ୱର, ୨୭।୨ (ସମିସ): ଶିଶୁଙ୍କ ଅଧିକାର, ବାଲ୍ୟ ବିବାହ, ଶିଶୁ ଶ୍ରମିକ, ଶିଶୁ ଯୌନ ନିର୍ଯାତନରୁ ମୁକ୍ତି ଲାଗି ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ସଚେତନତା ଆରମ୍ଭ କରାଯାଇଛି। ସମାଜରେ ଘଟୁଥିବା ବିଭିନ୍ନ ଅପରାଧକୁ ସାମାଜିକ ସ୍ତରରେ ସୁରକ୍ଷା ଓ ସହଯୋଗ ଲାଗି ଏପରି ଆଲୋଚନାଚକ୍ରର ଉଦ୍ଦେଶ୍ୟ ବୋଲି ସିଡବ୍ଲୁସିର ଉପଦେଷ୍ଟା ପ୍ରଫେସର ଶତ୍ରୁଘନ ମଲ୍ଲିକ କହିଛନ୍ତି। ପଞ୍ଚାୟତସମିତି ଅଧ୍ୟକ୍ଷ ମାନସ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଶିଶୁ ମଙ୍ଗଳ କମିଟିର ପ୍ରଶିକ୍ଷକ ସଂଯୁକ୍ତା ରାଉତ, ସିଡିପିଓ ମିନତୀ ସିଂ, ପଞ୍ଚାୟତସମିତି ଉପାଧ୍ୟକ୍ଷା ସଞ୍ଚିତା ସେନାପତି, ସିଡବ୍ଲୁସି କାଉନ୍‌ସିଲର ପୁଷ୍ପଲତା ଜେନା ପ୍ରମୁଖ ଶିଶୁର ଅଧିକାର, ଆଇନ୍ ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ ସରପଞ୍ଚ୍, ସମିତି ସଦସ୍ୟମାନେ ଯୋଗଦେଇଥିବା ବେଳେ ଆସନ୍ତା ଦିନରେ ପ୍ରତି ପଞ୍ଚାୟତରେ ଆଲୋଚନାଚକ୍ର ଅନୁଷ୍ଠିତ ହେବ ବୋଲି କୁହାଯାଇଛି।

## ଭୋଗରାଇରେ ଭୂ-କମ୍ପନ

ଭୋଗରାଇ, ୨୭।୨ (ସମିସ): ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅଞ୍ଚଳରେ ଭୂମିକମ୍ପ ଅନୁଭୂତ ହୋଇଛି। ଆଜି ଅପରାହ୍ନ ପ୍ରାୟ ୧ଟା ୨୩ ମିନିଟ୍ ସମୟରେ ନାଚିନ୍ଦା, ଡେଉଁର ଜଳଧା କୁସୁଡ଼ା ଅଞ୍ଚଳରେ ଭୂମିକମ୍ପ ଭଳି ଝଟକା ଲୋକେ ଅନୁଭବ କରିଥିଲେ। ପ୍ରାୟ ୨ ସେକେଣ୍ଡ ପର୍ଯ୍ୟନ୍ତ ଭୂମି କମ୍ପିଥିବା କୁହାଯାଉଛି। ହଠାତ୍ ଘରଦୁଆର ଥରିଉଠିବାରୁ ଲୋକେ ଭୟଭୀତ ହୋଇପଡ଼ିଥିଲେ। ଭୟରେ କିଛି ଲୋକ ଏଣେ ତେଣେ ଦୌଡ଼ିବା ସହିତ ଘର ଛାଡ଼ି ବାହାରକୁ ଆସିଥିବା ସୂଚନା ମିଳିଛି। ଭୂମିକମ୍ପ ଯୋଗୁଁ ଏପର୍ଯ୍ୟନ୍ତ କୌଣସି କ୍ଷୟକ୍ଷତିର ଖବର ମିଳିନାହିଁ। ଏହି ଅଞ୍ଚଳଗୁଡିକରେ ୨ ଥର ଝଟକା ମାରିଥିଲା। ଏହିଭଳି ଭୂମିକମ୍ପ ପଶ୍ଚିମବଙ୍ଗ କଲିକତାରେ ମଧ୍ୟ ଅନୁଭୂତି ହୋଇଥିବା ବିଭିନ୍ନ ଗଣମାଧ୍ୟମରେ ସୂଚନା ମିଳିଛି।

## ଶୌଚାଳୟ ଓ ଟ୍ରାଫିକ୍ ବ୍ୟବସ୍ଥା ଦାବି

ରେମୁଣା, ୨୭।୨(ସମିସ): ରେମୁଣା ଗୋଲେଇରେ ପ୍ରତ୍ୟକ ଦିନ ହଜାର ହଜାର ବସ, ଟ୍ରକ, କାର, ଟ୍ରେକର, ଅଟୋରିକ୍ସା ଯାତାୟାତ କରୁଛନ୍ତି। ବିଶେଷକରି କଲିକତାରୁ ଭୁବନେଶ୍ୱର ଏବଂ ବମ୍ବେ ଇତ୍ୟାଦି ଦୂର ସ୍ଥାନକୁ ପ୍ରତ୍ୟକ ଦିନ ଶତାଧିକ ଯାତ୍ରୀ ଯାତାୟାତ କରୁଛନ୍ତି। ଏଠାରେ ଗୋଟେ ଶୌଚାଳୟର ବ୍ୟବସ୍ଥା ନାହିଁ। ଯାହାଫଳରେ ଶତାଧିକ ଯାତ୍ରୀ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ରେମୁଣା ଗୋଲେଇରେ ଓଭରବ୍ରିଜ ତଳେ ଚାରି ଛକି ଅଛି। ଟ୍ରାଫିକର ବନ୍ଦୋବସ୍ତ ନ ଥିବାରୁ ସବୁଦିନ ଦୁର୍ଘଟଣା ହେବା ସହିତ କିଏ କେତେବେଳେ କେଉଁପଟେ ଯାଉଛନ୍ତି ତାହା ଧାରଣା ବାହାରେ। ଆମ୍ବୁଲାନ୍ସ ୫ ମିନିଟ ପାଇଁ ଭିଡ଼ରେ ଫସିଯାଉଛି। ଏହି ଭିଡ଼ ଏବଂ ଦୁର୍ଘଟଣାକୁ ଏଡ଼ାଇବା ପାଇଁ ପ୍ରଶାସନ ତରଫରୁ ଟ୍ରାଫିକର ବ୍ୟବସ୍ଥା କରିବା ପାଇଁ ବହୁଦିନରୁ ଦାବି ହେଉଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇ ନ ଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ରେମୁଣା ଗୋଲେଇରେ ଶୌଚାଳୟ ଏବଂ ଟ୍ରାଫିକ ପାଇଁ ଜନସାଧାରଣ ପକ୍ଷରୁ ଦାବି ହେଉଛି।

# କେନାଲ ବନ୍ଦ ପାଇଁ ଗ୍ରାମବାସୀଙ୍କ ବିକ୍ଷୋଭ



ରେମୁଣା, ୨୭।୨(ସମିସ): ଦରକୁଇଲି ଗ୍ରାମର ୨୧ଟି ଗ୍ରାମର ବାସିନ୍ଦା ଏକଜୁଟ ହୋଇ କେନାଲକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗ୍ରାମବାସୀ କେବଳ ଚାଷ କରି ଜୀବିକା ନିର୍ବାହ କରନ୍ତି, ଯଦି ଉକ୍ତ ଜାଗାରେ କେନାଲ ହୁଏ ଶତାଧିକ ଗ୍ରାମବାସୀ କ୍ଷୟକ୍ଷତିର ସମ୍ମୁଖୀନ ହେବେ ବୋଲି ଅଭିଯୋଗ କରିଛନ୍ତି। ବାଙ୍କତିରା ଗ୍ରାମରେ ଏହି ପ୍ରକଳ୍ପ ହେବାର ଥିଲା ବେଳେ କ'ଣ ପାଇଁ ଦଳକୁଇଲି ଗ୍ରାମରେ ହେଉଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏହି କେନାଲ ବନ୍ଦ କାର୍ଯ୍ୟକୁ ଯଥାଶୀଘ୍ର ବନ୍ଦ କରାଯାଉ ନହେଲେ ବଡ଼ଧରଣର ଆନ୍ଦୋଳନ ହେବ ବୋଲି ଗ୍ରାମବାସୀ କହିଛନ୍ତି।

## ରସାୟନ ବିଜ୍ଞାନ ବିଭାଗରେ ବିଦାୟ ସମ୍ବର୍ଦ୍ଧନା




କାଳିପଦା, ୨୭।୨(ସମିସ): ଜାମଶୂଳୀସ୍ଥିତ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ଡେମୋନଷ୍ଟ୍ରେଟର ଶ୍ରୀକାନ୍ତ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଶୁକ୍ରବାର କଲେଜ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଦିବ୍ୟେନ୍ଦୁ କୁମାର ଗିରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଗଣିତ ବିଭାଗ ମୁଖ୍ୟ ଅଧ୍ୟାପକ ସୁକାନ୍ତ କୁମାର ଗିରି, ଇତିହାସ ବିଭାଗ ବରିଷ୍ଠ ଅଧ୍ୟାପକ ପରମାନନ୍ଦ ମହାନ୍ତି, ଶିକ୍ଷା ବିଭାଗ ମୁଖ୍ୟ ଅଧ୍ୟାପକ ନଗେନ୍ଦ୍ରନାଥ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଶକ୍ତିପ୍ରସନ୍ନ ଚନ୍ଦ ଅତିଥି ପରିଚୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉଭୟେ ପୁରାତନ ଓ ଏବେର ଛାତ୍ରଛାତ୍ରୀଙ୍କ ପକ୍ଷରୁ ବିଦାୟୀ ଡେମୋନଷ୍ଟ୍ରେଟର ଶ୍ରୀକାନ୍ତ କୁମାର ମହାପାତ୍ରଙ୍କୁ ଉପଢୌକନ ଓ ଉପାୟନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଯୁକ୍ତ ତିନି ଶେଷ ବର୍ଷ ଛାତ୍ର ଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବିଭାଗୀୟ ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ଫ୍ଲୋରେନ୍ସ ଗିରି ଓ ବିଭାଗୀୟ କର୍ମଚାରୀ ପରିଚାଳନା କରିଥିଲେ।

## ଖଇରା ବ୍ଲକ୍‌ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା




ଖଇରା, ୨୭।୨(ସମିସ): ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ମିଶନ ଯୋଜନାରେ ବାଲେଶ୍ୱର ଜିଲ୍ଲା ଖଇରା ଶିକ୍ଷକ ଭବନଠାରେ ଚାଲିଥିବା ୨ଦିନିଆ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ସହକାରୀ ଉଦ୍ୟାନ କୃଷି ଅଧିକାରୀ ଶୃତି ସଞ୍ଜିତା ଗିରିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଇରା ବିଡିଓ ନାରାୟଣ ସାହୁ ଯୋଗ ଦେଇଥିଲେ। ପ୍ରାଣୀ ଚିକିତ୍ସାଧିକାରୀ ବିଭୂପ୍ରସାଦ ଦାସ, ସହକାରୀ କୃଷି ଅଧିକାରୀ ରମ୍ୟରଞ୍ଜନ ସାହୁ, ଔପଦା ବ୍ଲକର ସହକାରୀ ଉଦ୍ୟାନ କୃଷି ଅଧିକାରୀ ମାନସ ରଞ୍ଜନ ହୋତା ଓ ସହକାରୀ ମତ୍ସ୍ୟ ଅଧିକାରୀ ରାହୁଲ ଦେବ ହେମ୍ବ୍ରମ, ଆଗଧାଡିର ଛତୁଚାଷୀ ପ୍ରମୁଖ ୧୮ ପଞ୍ଚାୟତରୁ ଆସିଥିବା ଚାଷୀମାନଙ୍କ ସମସ୍ୟା ଶୁଣିବା ସହ କିଭଳି ଅଧିକରୁ ଅଧିକ ଅମଳ ହୋଇପାରିବ ସେ ସମ୍ପର୍କରେ ଆବଶ୍ୟକ ପରାମର୍ଶ ଦେଇଥିଲେ। କ୍ଷେତ୍ର କର୍ମଚାରୀ ତାରାକାନ୍ତ ମହାପାତ୍ର, ଚାଷୀ ରମାକାନ୍ତ ପଣ୍ଡା, ମଧୁସୂଦନ ପ୍ରଧାନ, ଅକ୍ଷୟ ବେହେରା, କାଳନ୍ଦୀ ସେଣ୍ଠ, ମିନତୀ ମହାନ୍ତି, ରୋଜାଲିନ ସାହୁ ଓ ଅଭିମନ୍ୟୁ ପାତ୍ର ସହଯୋଗ କରିଥିଲେ।

## ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ




ବାଲିଆପାଳ ୨୭।୨(ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ବଡ଼ସିମୁଳିଆସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୨୯ତମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ହରେକୃଷ୍ଣ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସମାଜସେବୀ ସଞ୍ଜୀବ ପାଢ଼ୀ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଖବରଦାତା ଅଜୟ ସାହୁ, ସମ୍ମାନିତ ଅତିଥି ଭାବେ ସିମୁଳିଆ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଯଶୋବନ୍ତ ଜେନା, ମାତୃପ୍ରେମୀ କରୁଣା ବେହେରା, ସତ୍ୟଜିତ ଉପାଧ୍ୟାୟ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରାଣକୃଷ୍ଣ ଜେନା ଅତିଥି ପରିଚୟ ଏବଂ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ଶିକ୍ଷକ ତପନ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପାଇଁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ୧୪ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ବାଲେଶ୍ୱର, ୨୭।୨(ସମିସ): ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ୧୪ ତାରିଖରେ ଜିଲ୍ଲା ଅଦାଲତ ପରିସର ବାଲେଶ୍ୱର, ତାଲୁକ ଆଇନସେବା ସମିତି ଜଳେଶ୍ୱର, ନୀଳଗିରି, ସୋରୋ, ବସ୍ତା, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତ, ଔପଦା ଓ ଗ୍ରାମ୍ୟ ନ୍ୟାୟାଳୟ ଭୋଗରାଇରେ ଅନୁଷ୍ଠିତ ହେବ। ଏହି ଲୋକ ଅଦାଲତରେ ସମସ୍ତ ପ୍ରକାରର ବିଚାରାଧୀନ ମୋକଦ୍ଦମା ଯଥା ଦେୱାନୀ, ଫୌଜଦାରୀ (ସାଲିସ ଯୋଗ୍ୟ), ମୋଟରଯାନ ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳ ଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ ଓ ଚେକ୍ ବାଉନ୍ସ ମାମଲାର ଆପୋଷ ସହମତିରେ ସମାଧାନ କରାଯିବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଅଧିକରୁ ଅଧିକ ସଂଖ୍ୟାରେ ଅଂଶଗ୍ରହଣ କରିବା ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଅନୁରୋଧ କରାଯାଇଛି।

## ଖଇରା କଲେଜରେ ଛାତ୍ରୀ ଆତ୍ମରକ୍ଷା ତାଲିମ



ଖଇରା, ୨୭।୨(ସମିସ): ଖଇରା କଲେଜରେ ଓଡ଼ିଶା ସରକାରଙ୍କ ପ୍ରାୟୋଜିତ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପ୍ରଶିକ୍ଷିକା ସୁନିତା ଗୁଣ୍ଡୁହାଳ ପିଲାଙ୍କୁ ସଙ୍କଟ ସମୟରେ କିଭଳି ନିଜକୁ ସୁରକ୍ଷା କରିପାରିବେ ସେ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଶିବିର ସଂଯୋଜିକା ଏଲିସା ସେଠୀ ଓ ସହ ସଂଯୋଜିକା ଉଷାକିନୀ ନାୟକଙ୍କ ତତ୍ତ୍ୱାବଧାନରେ +୩ ପ୍ରଥମ ବର୍ଷ କଳା, ବାଣିଜ୍ୟ ଓ ବିଜ୍ଞାନର ୨୮୧ଜଣ ଛାତ୍ରୀଙ୍କୁ ୬ଟି ଗ୍ରୁପରେ ବିଭକ୍ତ କରାଯାଇ ବିଭିନ୍ନ କୌଶଳ ସମ୍ପର୍କରେ ତାଲିମ ପ୍ରଦାନ କରାଯାଉଛି। ଅଧ୍ୟକ୍ଷ ଡ ଲକ୍ଷ୍ମୀକାନ୍ତ ନାୟକ ଶିବିରକୁ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟକିରାଣି ଅଂଶୁ ଶେଖର ଦଳାଇ ଓ ସହାୟକ ତାପସ କୁମାର ଦାସଙ୍କ ସହଯୋଗରେ ଏହି ଶିବିର ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଶିବିର ଚାଲିବ।

## ସୋର କଲେଜ ପୂର୍ବତନ ପ୍ରାଧ୍ୟାପକ ଡ ଧରଣୀଧର ନାୟକଙ୍କ ବିୟୋଗ



ସୋର, ୨୭।୨(ସମିସ): ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟର ପ୍ରାକ୍ତନ ଓଡ଼ିଆ ବିଭାଗର ପ୍ରାଧ୍ୟାପକ ତଥା ବିଶିଷ୍ଟ ସାହିତ୍ୟିକ ଡ.ଧରଣୀଧର ନାୟକଙ୍କର ଆଜି ସକାଳ ୭.୫ ମିନିଟରେ ତାଙ୍କ ଭୁବନେଶ୍ୱର ଭୀମଟାଙ୍ଗି ବାସଭବନରେ ହଠାତ୍ ହୃଦଘାତ ହେବାରୁ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ହୋଇଥିଲା। ତାଙ୍କ ପରଲୋକ ଖବର ଶୁଣିବା ପରେ ସୋର ଅଞ୍ଚଳରେ ଶୋକର ଲହରୀ ଖେଳିଯାଇଛି। ସ୍ୱର୍ଗତ ଡ. ନାୟକ ତାଙ୍କର ଚାକିରି ଜୀବନ ସୋର ୟୁଏନ୍ କଲେଜରେ ଆରମ୍ଭ କରି ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଭାବେ ଶିକ୍ଷାଦାନ କରିଥିଲେ। ସେ ଜଣେ ଦକ୍ଷ ଏବଂ ଅତ୍ୟନ୍ତ ଛାତ୍ରବତ୍ସଳ ଅତି ପ୍ରିୟ ଶିକ୍ଷକ ଭାବେ ପରିଚିତ ଥିଲେ। ସେ ୧୯୮୯ ମସିହାରେ ଆର୍‌ସିଏମ୍ ବିଜ୍ଞାନ କଲେଜକୁ ବଦଳି ହୋଇ ୧୯୯୯ ମସିହାରେ ଅବସର ନେଇଥିଲେ। ତାଙ୍କ ରଚିତ ଅସଂଖ୍ୟ ପୁସ୍ତକ ମଧ୍ୟରୁ ଅଳଙ୍କର ପ୍ରୟାସ, ହାସ୍ୟ ପ୍ରତ୍ୟୁସ, ନିର୍ବାଚିତ ଢଗଢମାଳି, ଓଡିଆ ସାହିତ୍ୟର ଇତିହାସ ଏବଂ ବ୍ୟାକରଣ ବାରିଧି ଭଳି ବହୁ ମୂଲ୍ୟବାନ ପୁସ୍ତକ ପ୍ରକାଶିତ ହୋଇ ପାଠକୀୟ ଆଦୃତିଲାଭ କରିଛି। ତାଙ୍କର ୩ ପୁଅ ପ୍ରଭାସ, ପ୍ରକାଶ ଓ ପ୍ରତାପ ଏବଂ ଝିଅ ରୀତା ଓ ପ୍ରଜ୍ଞା ଅଛନ୍ତି। ତାଙ୍କ ମୃତ୍ୟୁରେ ସୋର ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ଏବଂ ହଜାର ହଜାର ଛାତ୍ରଛାତ୍ରୀଙ୍କ ତରଫରୁ ଶୋକାଞ୍ଜଳି ଅର୍ପଣ କରାଯାଇଛି।

# ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ନୂତନ ଗୃହର ଶିଳାନ୍ୟାସ

ଖଇରା, ୨୭।୨(ସମିସ)



ଖଇରା ବ୍ଲକ ଗରସଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଆରୋଗ୍ୟକେନ୍ଦ୍ରର ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଦ୍ୱାରା ସ୍ଥାପିତ ହୋଇଯାଇଛି। ୨୦୨୬-୨୭ ଆର୍ଥିକ ବର୍ଷରେ ଓଡ଼ିଶାରେ ୧ହଜାର ୮ଶହ ଗ୍ରାମପଞ୍ଚାୟତରେ ନୂତନ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଖୋଲାଯିବାକୁ ବଜେଟରେ ବ୍ୟବସ୍ଥା କରାଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ଜରାୟୁ କର୍କଟ ରୋକିବାକୁ ୧୪ରୁ ୧୫ବର୍ଷରେ କିଶୋରୀଙ୍କ ପାଇଁ ମାଗଣା ଏକକ ଟିକାକରଣର ବ୍ୟବସ୍ଥା କରାଯାଇଛି; ଯାହା ଫେବୃଆରୀ ୨୮ ତାରିଖରୁ ଆରମ୍ଭ ହେବ। ଏପ୍ରିଲ ୧ରୁ ୬୦ବର୍ଷ ଅତିକ୍ରମ କରିଥିବା ସମସ୍ତ ବୟସ୍କଙ୍କୁ ଭତ୍ତା ପ୍ରଦାନର ବ୍ୟବସ୍ଥା କରାଯାଇଥିବା ନେଇ ମନ୍ତ୍ରୀ ଉଲ୍ଲେଖ କରିଥିଲେ। ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ବିଡିଓ ନାରାୟଣ ସାହୁ, ଜିଲ୍ଲା ପରିଷଦ ସଭ୍ୟା ସୁଷମା ମହାପାତ୍ର, ଜିଲ୍ଲା ମୁଖ୍ୟଚିକିତ୍ସାଧିକାରୀ ପ୍ରଭାତ ବେହେରା, ଗୋପୀନାଥ ଘୋଷ ଓ ମଦନ ମୋହନ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କୈଳାସ ମାଝୀ ଓ ଅନନ୍ତ କିଶୋର ଉପାଧ୍ୟାୟ ମଞ୍ଚ ପରିଚାଳନା କରିଥିଲେ। ସୁଶାନ୍ତ ଉପାଧ୍ୟାୟ, ନରେନ୍ଦ୍ର ମହାନ୍ତି, ମନୋରଞ୍ଜନ ଘୋଷ, ଜୟନ୍ତ ଦାସ, ଗଣେଷ ପ୍ରସାଦ ସେଠୀ, ବନମାଳି ମହୁରୀ, ରମେଶ ଜେନା ଓ ସୁରଥ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଅସହାୟ ପରିବାରକୁ ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ



ବାଲେଶ୍ୱର, ୨୭।୨(ସମିସ): ସ୍ୱେଚ୍ଛାସେବୀ ସଂଗଠନ 'ଆଞ୍ଚଲ ୱେଲଫେୟାର ଟ୍ରଷ୍ଟ' ପକ୍ଷରୁ 'ଶହେ ଦିନରେ ଶହେ ଘର' ଯୋଜନାରେ ସହରର କାଦ୍ରୀ ମୋହଲ୍ଲାର ପାଞ୍ଚ ଓ ସାତ ନମ୍ବର ୱାର୍ଡରେ ପୂର୍ବରୁ ଚୟନ ହୋଇଥିବା ଗରିବ ଅସହାୟ ପରିବାରକୁ ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କରାଯାଇଛି। ଅତିଥି ଭାବେ ଟାଉନ ଥାନାଧିକାରୀ ବିଜୟ କୁମାର ଦାସ ପରିବାରଗୁଡିକୁ ପଙ୍ଖା, ଚୌକି, ଜରୁରିକାଳୀନ ଲାଇଟ ଆଦି ବଣ୍ଟନ କରିଥିଲେ ବୋଲି ସମ୍ପାଦକ ମହମ୍ମଦ ସାଗିର କହିଛନ୍ତି। ଏଥିସହିତ ଜାତି ଧର୍ମ ନିର୍ବିଶେଷରେ ପ୍ରତି ଅଭାବୀ ପରିବାରଙ୍କୁ ପର୍ଯ୍ୟାୟକ୍ରମେ ସହଯୋଗ କରାଯିବ। ୱେଲନେସ୍ ଅନ୍ ହୁଇଲ ସଂଗଠନ ପ୍ରତିଷ୍ଠାତା ସଲିମ ରଜା, ଆଞ୍ଚଲ ଟ୍ରଷ୍ଟ ସଭାନେତ୍ରୀ ସବା କୌସର କାଦ୍ରୀ, ହିନ୍ଦୁସ୍ତାନ ଫାଉଣ୍ଡେସନ ସଭାପତି ହମିଦ ରାଜା ଖାନ, ନେହେରୁ ଫାଉଣ୍ଡେସନ ମୁଖ୍ୟ ଶେଖ ମୀନାଜୁଲ, ସଦର ବିଧାୟକଙ୍କ ପ୍ରତିନିଧି ଧୀରଜ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଟ୍ରଷ୍ଟ ଟ୍ରଷ୍ଟି ବୋର୍ଡର ସଦସ୍ୟ ଜୁନେଜ କାଦ୍ରୀ, ଶେଖ ସାହିଲ, ଶେଖ ନିଜାମୁଦ୍ଦିନ ପ୍ରମୁଖ ସହଯୋଗ କରିଥିଲେ।

